ଛାତ୍ରସାଥୀ ଓ ବିଶ୍ୱ ବିଚିତ୍ରାଙ୍କ

ଚନ୍ଦ୍ରମୋହନ

Digitized by srujanika@gmail.com

ଛାତ୍ରସାଥୀ ଃ ବିଶ୍ୱବିଚିତ୍ରା (୪୯)
ଓ
ଚନ୍ଦ୍ରମୋହନ

୨୩ଶ ବର୍ଷ ● ୨ୟ ସଂଖ୍ୟା ● ୧୯୮୪ ● ଫେବୃୟାରୀ ● ମୂଲ୍ୟ ଟ ୨.୦୦

RATE OF ADVERTISEMENT

ll Page	Rs. 500-00
lf Page	Rs. 300-00
Cover Page (Single colour)	Rs. 600-00
ck of the front Cover (Black & White)	Rs. 550-00
ck of the back Cover (Black and White)	Rs. 550-00

TERMS OF PAYMENT

Advertisement sent through ognised advertising agencies credited) requires no advance.

Advertisement sent directly uld be paid full dues in advance account payee Bank Draft in our of 'THE CHHATRASATHI' able at CUTTACK only.

Address :

J. MOHAPATRA & Co.
CUTTACK-2 (ORISSA)

Inted and Published by Sri idaban Das on behalf of M/s. Mohapatra & Co., Cuttack. ed at G. P. Press, Kaligali, Cuttak-2

CHHATRASATHI
(General Knowledge Monthly)

Editor :
Sri Subas Sarangi

Mg. Editor :
Sri N. K. Mohapatra

Published by :
J. MOHAPATRA & Co.
Cuttack-2 (Orissa)

●

ସଂପାଦକ :
ଶ୍ରୀ ସୁବାସ ଷଡ଼ଙ୍ଗୀ

ପରିଚାଳନା ସଂପାଦକ :
ଶ୍ରୀ ନବକିଶୋର ମହାପାତ୍ର

ପ୍ରକାଶକ
ଜେ. ମହାପାତ୍ର ଏଣ୍ଡ କୋ.
କଟକ-୨

Digitized by srujanika@gmail.com

ଆମ ଛବି ବହି

ପ୍ରଥମ ଭାଗ

(ରଙ୍ଗୀନ ଛାପା - ଅକ୍ଷର ଶିକ୍ଷା)

ଆମ ଛବି ବହି

ଦ୍ୱିତୀୟ ଭାଗ

(ରଙ୍ଗୀନ ଛାପା - ଯୁକ୍ତାକ୍ଷର ଶିକ୍ଷା)

ଛାତ୍ରସାଥୀ

ମଧୁ ବର୍ଣ୍ଣବୋଧ

(ବିଭିନ୍ନ ରଙ୍ଗରେ ଛାପା)

ଛାତ୍ରସାଥୀ

ଛବିଲ ପହିଲି ଗଣିତ

ପ୍ରଥମ ଶ୍ରେଣୀ ପାଇଁ

(ବିଭିନ୍ନ ରଙ୍ଗରେ ଛାପା)

ପ୍ରକାଶକ — ଦେ. ମହାପାତ୍ର ଏଣ୍ଡ କୋଂ

ସମସ୍ତ ବହି ଦୋକାନରୁ ମିଳିପାରିବ

Digitized by srujanika@gmail.com

ଚନ୍ଦ୍ରମୋହନ ମହାରଣା

ବ୍ୟାସକବି ଫକୀର ମୋହନ ସେନାପତି 'ଉତ୍କଳ ଭ୍ରମଣ'ରେ ଲେଖିଥିଲେ –

ଆହେ ଚନ୍ଦ୍ର ମହାରଣେ ହେଉ ହେଉ ହେଉ
ମେଳିତିଅ ଆଉଥରେ କବିତାର ଢେଉ
ଛପାଇବେ ରାମଚନ୍ଦ୍ର କିବା ଚିନ୍ତା ଅଛ
ନେବ ମାରି ଟଙ୍କା ମୁଠେ ଠୁଙ୍କି ଦେଇ ବାହୁ ।

ସୁତରାଂ ଚନ୍ଦ୍ରମୋହନ ମହାରଣା ଓଡ଼ିଶାର ସୁଧୀପଲ୍ଲୀରେ ବେଶ୍ ସୁପରିଚିତ । କବି, ବୈୟାକରଣିକ, ସାହିତ୍ୟିକ ତଥା ଶିକ୍ଷାବିଦ୍ ଭାବରେ ସମସ୍ତ ଓଡ଼ିଶାରେ ସେ ଜଣାଶୁଣା ।

ସେତେବେଳେ ଭାରତବର୍ଷ ଇଂରେଜ ସରକାରଙ୍କର ଶାସନାଧୀନ ଥିଲା । ସେହି ପରାଧୀନ ଭାରତର ବାଲେଶ୍ୱର ଜିଲ୍ଲା ରେମୁଣା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମରେ ୧୮୭୦ ମସିହା ଅପ୍ରେଲ ୬ ତାରିଖ ଦିନ ଚନ୍ଦ୍ରମୋହନ ଭୂମିଷ୍ଠ ହୋଇଥିଲେ ।

ପିତାଙ୍କର ନାମ ଅନାଦିଚରଣ ମହାରଣା । ସେ ଜଣେ ଅତି ଦରିଦ୍ର ସ୍ୱର୍ଣ୍ଣକାର । ମାତା ହେଉଛନ୍ତି ଅହଲ୍ୟା । ଛଅବର୍ଷ ବୟସରେ ଚନ୍ଦ୍ରମୋହନ ମାତାଙ୍କୁ ହରାଇଥିଲେ । ବିମାତା ଦ୍ୱାରା ତାଙ୍କର ଲାଳନପାଳନ ଦାୟିତ୍ୱ ନେଇଥିଲେ ।

ପ୍ରାୟ ଦଶ ବର୍ଷ ବୟସବେଳେ ଚନ୍ଦ୍ରମୋହନ ପିତାଙ୍କୁ ହରାଇଲେ । ଅତି ଦରିଦ୍ର ହେଲେ ମଧ୍ୟ ଅଧ୍ୟୟନ ପିପାସା ଯୋଗୁଁ ପାଠପଢ଼ା କ୍ଷେତ୍ରରେ ଅଧିକ ଅଗ୍ରସର ହୋଇଥିଲେ । ଅଧ୍ୟବସାୟ ହେତୁ ରେମୁଣା ମିଡ଼ଲ ଭର୍ଣ୍ଣାକ୍ୟୁଲାର ସ୍କୁଲରୁ ୧୮୮୧ରେ ବୃତ୍ତି ଲାଭ କଲେ । ଏହାପରେ ପାଠପଢ଼ିବା ଲାଗି ବାଲେଶ୍ୱର ଗଲେ ।

ସେ ସମୟର ରେମୁଣା କିନ୍ତୁ ଆଜିଭଳି ନଥିଲା । ସେତେବେଳେ ଥିଲା ଜଙ୍ଗଲ ଆଉ ଗୋହିରି ବାଟ । ଚନ୍ଦ୍ରମୋହନ ପାଦରେ ଚାଲି ଚାଲି ବାଲେଶ୍ୱର ଯାଉଥିଲେ । ଜିଲ୍ଲା ସ୍କୁଲରେ ଅଧ୍ୟୟନ ବି କରୁଥିଲେ । ପଖାଳ ଦି'ଟା ଖାଇଦେଇ ସ୍କୁଲକୁ ବାହାରୁଥିଲେ । ଅବଶ୍ୟ ରାତି ନ ପାହୁଣୁ । ସିମିତି ରାତି ହୋଇ ଯାଉଥିଲା ଘରକୁ ଫେରିବା ।

ବାଟରେ ଗଧିଆ, ଭାଲୁ, ଚିତାବାଘର ଭୟ ଥିବା ଯୋଗୁଁ ସାଆନ୍ତ ମା' ନିୟମିତ ଭାବେ ଚନ୍ଦ୍ରମୋହନଙ୍କୁ ଅଧବାଟ ଯାଏଁ ନେଇଯାଉଥିଲେ । ପ୍ରଭାତ ହେଲେ ଫେରି ଆସୁଥିଲେ । ବାଲେଶ୍ୱର ଯିବା ଆସିବାରେ ବହୁ ସମୟ ନଷ୍ଟ ହେଉଥିବାରୁ, ପଢ଼ାପଢ଼ିରେ ବିଶେଷ ସମୟ ଦେବା ସମ୍ଭବ ହେଲା ନାହିଁ । ଫଳରେ ବାଲେଶ୍ୱରଠାରେ କୌଣସି ଜଣେ ବନ୍ଧୁଙ୍କ ଘରେ ରହିବାର ସୁଯୋଗ ମିଳିଗଲା ।

Digitized by srujanika@gmail.com

ଯେଉଁ ଘରେ ଚନ୍ଦ୍ରମୋହନ ରହୁଥିଲେ, ସେହି ଘରେ ଆଲୋକର ବ୍ୟବସ୍ଥା ନ ଥିଲା । ସେ ପଢ଼ାପଢ଼ରେ ବେଶୀ ଅସୁବିଧା ଭୋଗ କରୁଥିଲେ । ତାଙ୍କର ଅଧ୍ୟୟନର ଏମିତି ସ୍ପୃହା ରହିଥିଲା ଯେ; ଘରେ ଅନ୍ଧ ଆବଦ୍ଧ ହୋଇ ରହିଲେ ନାହିଁ । ସଡ଼କ ଧାରରେ ଥିବା ମ୍ୟୁନିସପାଲଟି ଆଲୁଅରେ ତାଙ୍କୁ ଅଧ୍ୟୟନ କରିବ ଲାଗି ସୁଯୋଗଟାଏ ମିଳିଲା । ସେ ସମୟରେ ଏବେପରି ବିଜୁଳି ଆଲୁଅର ପ୍ରଶ୍ନ ବି ନଥିଲା । ସଡ଼କ ଧାରରେ ରହିଥିବା ବଡ଼ିଖୁଣ୍ଟରେ ଲଣ୍ଠନବତି ସବୁ ଜଳୁଥିଲା ।

ଚନ୍ଦ୍ରମୋହନ ୧୮୮୬ ମସିହାରେ ଏଣ୍ଟ୍ରାନ୍ସ ପରୀକ୍ଷା ଦେଇଥିଲେ । ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେବାକୁ ହେଉଥାଏ । ଚନ୍ଦ୍ରମୋହନ ବିଶ୍ୱବିଦ୍ୟାଳୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ । ଏହାପରେ ସେ ବୃତ୍ତି ପାଇଥିଲେ । କେହି କେହି ମତ ଦେଇଥାନ୍ତି ଯେ, ଚନ୍ଦ୍ରମୋହନ ଏଣ୍ଟ୍ରାନ୍ସ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ସେ ସମୟରେ ଗମନାଗମନର ଆଦୌ ସୁବିଧା ନଥିଲା । ଏହା ସତ୍ତ୍ୱେ ଚନ୍ଦ୍ରମୋହନ ବଳଙ୍ଗ ନଦୀ କୂଳସ୍ଥିତ ପରମିଟ ଘାଟରୁ ନୌକାରେ ରଡବାଲି ଗଲେ । ସେଠାରୁ ଆଳି, ପଟ୍ଟାମୁଣ୍ଡାଇ ଓ କଟତ୍ପୁର ହୋଇ ଚାଲିଚାଲି କଟକରେ ପହଞ୍ଚିଥିଲେ । ଅନ୍ୟ ସମୟରେ ବେରୁଣାବାଡ଼ି ଚାନ୍ଦବାଲିଠାରୁ ଜଗନ୍ନାଥ ସଡ଼କରେ ଚାଲିଚାଲି କଟକ ଯାଉଥିଲେ । ବାଟରେ ତିନି ଚାରି ଦିନ କଟୁଥିଲା । କାନ୍ଧରେ ଥାଏ ବୋଜ୍ଝ । ସେଥିରେ ରହିଥାଏ ଲୁଗାପଟା, ଚୂଡ଼ା, ତେଲ ପ୍ରଭୃତି ।

କଟକରେ ସେତେବେଳକୁ ରେଭେନ୍ସା କଲେଜ ପ୍ରତିଷ୍ଠିତ ହୋଇ ସାରିଥିଲା । ଚନ୍ଦ୍ରମୋହନ ଏହି କଲେଜରେ ନାମ ଲେଖାଇଲେ । ଅନେକ ଅସୁବିଧା ରହିଥିଲେ ମଧ୍ୟ ପାଠ ପଢ଼ାରୁ ବିରତ ହେଲେ ନାହିଁ । ପ୍ରଥମବର୍ଷ ପରୀକ୍ଷା ଦେଇ ସମସ୍ତଙ୍କୁ ବିସ୍ମିତ କରଇଦେଲେ । ଅବଶ୍ୟ ବଙ୍ଗାଳୀମାନଙ୍କର ପ୍ରାଧାନ୍ୟ ରହିଥିବାରୁ, ଚନ୍ଦ୍ରମୋହନ ପ୍ରଥମ ହେବା ଯୋଗୁଁ ଜଣେ ବଙ୍ଗାଳୀ ଛାତ୍ର କଲେଜ ଛାଡ଼ି ଚାଲିଗଲେ ।

ଏଫ୍. ଏ ଅଧ୍ୟୟନ କରିବା ସମୟରେ ୧୮୮୭ରେ ଚନ୍ଦ୍ରମୋହନ ଇଂରେଜୀ ଭାଷାରେ ପ୍ରବନ୍ଧଟାଏ ଲେଖିଥିଲେ । ଏହି ପ୍ରବନ୍ଧ ଲେଖି ଡାଲଟେର-ପଦକ ଲାଭ କଲେ । ଫାଷ୍ଟ ଆର୍ଟସ ପାସ୍ କରିବା ପରେ ବୃତ୍ତି ପାଇଲେ ଓ ଇଞ୍ଜିନିୟରିଂ ପଢ଼ିବା ପାଇଁ ଉଦ୍ୟମ ଚଳାଇଲେ ।

ଚନ୍ଦ୍ରମୋହନ ଫାଷ୍ଟ ଆର୍ଟସ୍ ପଢ଼ିବା ସମୟରେ 'ନବୋଦ୍ୟମ' ନାମରେ ଏକ କବିତା ସଙ୍କଳନ ରଚନା କଲେ । 'ସଂସ୍କାରକ' ପତ୍ରିକାରେ ପ୍ରକାଶିତ କବିତା ସବୁ ଏହି 'ନବୋଦ୍ୟମ'ରେ ସଙ୍କଳିତ ହୋଇଥିଲା । ଏହି କବିତା ସଙ୍କଳନ ମୁଦ୍ରିତ ହେବାପରେ ତାଙ୍କୁ କବି ହିସାବରେ ସୁଖ୍ୟାତି ମିଳିଲା ।

Digitized by srujanika@gmail.com

ଇଞ୍ଜିନିୟରିଂ ଅଧ୍ୟୟନ ପାଇଁ ସୁଯୋଗ ଦ ମିଳିବାରୁ ଚନ୍ଦ୍ରମୋହନ ବାଧ୍ୟ ହୋଇ ରେଭେନ୍ସା କଲେଜରେ ବି. ଏ. ଅଧ୍ୟୟନ କଲେ । କୌଣସି ପ୍ରକାରର ସାହାଯ୍ୟ ମିଳୁ ନଥିବା ଯୋଗୁଁ, ଛାତ୍ରବୃତ୍ତି ଉପରେ ନିର୍ଭର କରି ପାଠପଢ଼ା କାର୍ଯ୍ୟ ତୁଲାଉଥିଲେ । ସେ ୧୮୯୦ରେ ବି. ଏ. ପରୀକ୍ଷାରେ ଏ ଗ୍ରେଡ ପାଇଥିଲେ । ୧୮୮୯ରେ ବି. ଏ. ପାସ୍ କରିଥିଲେ ବୋଲି କେହି କେହି ସୂଚନା ଦେଇଥାନ୍ତି ।

ଚନ୍ଦ୍ରମୋହନ ମହାରଣା ଆଇ ସି.ଏସ. ପରୀକ୍ଷା ଦେବା ସକାଶେ ପ୍ରସ୍ତୁତି ଚଳାଇଲେ । ଘୋଡାଚଢ଼ା ଅଭ୍ୟାସ କଲେ । ଏପରିକି ଅବାଧ୍ୟ ଘୋଡାକୁ ବାଧ୍ୟ କରି ଦେଉଥିଲେ । କସରତ୍ କରି ନିଜକୁ ହୃଷ୍ଟପୁଷ୍ଟ କରାଇଥିଲେ । ସେରେ ଚୂଡ଼ା ସଙ୍ଗକୁ ଦୁଇ ସେର ବସାଦହି ଆଉ ସେରେ ଗୁଡ଼ ଏକାଥରକେ ଖାଇ ହଜମ କରୁଥିଲେ । ବଳିଷ୍ଠ ଥିବା ଯୋଗୁଁ କୋଦାଳ ନେଇ ଥରକରେ ଘଣ୍ଟେ ପର୍ଯ୍ୟନ୍ତ କ୍ଷେତ ହାଣିଦେଉଥିଲେ । ତଥାପି ସେ କ୍ଲାନ୍ତବୋଧ କରୁନଥିଲେ ।

ବି. ଏ. ପରୀକ୍ଷାରେ କୃତିତ୍ୱ ହାସଲ କଲାପରେ ତାଳଚେର-ଯୁବରାଜଙ୍କର ଅଭିଭାବକ-ଗୃହଶିକ୍ଷକ ହେଲେ । ସେତେବେଳେ ରାଧାନାଥ ରାୟ ଶିକ୍ଷା ବିଭାଗର ଜଏଣ୍ଟ ଇନସ୍ପେକ୍ଟର ଥିଲେ । ଚନ୍ଦ୍ରମୋହନ ସାହିତ୍ୟ ଚର୍ଚ୍ଚା କରୁଥିବା ଯୋଗୁଁ କବିବର ରାଧାନାଥଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଏହା ଫଳରେ ୧୮୯୦ ମସିହାରେ ବାଲେଶ୍ୱର ଜିଲା ସ୍କୁଲରେ ତାଙ୍କୁ ସେକେଣ୍ଡ ମାଷ୍ଟର ଭାବେ ନିଯୁକ୍ତି ମିଳିଲା । ସରକାରୀ ଚାକିରିରେ ଯୋଗ ଦେବାପାଇଁ ଚନ୍ଦ୍ରମୋହନ ତାଳଚେର ଛାଡ଼ିଲେ । ସେତେବେଳେ ସରକାରୀ ଚାକିରିରେ ପ୍ରଥମ ବେତନ ଥିଲା ମାସିକ ପଚାଶ ଟଙ୍କା ମାତ୍ର ।

ତାଳଚେରରେ ଥିବା ସମୟରେ ଚନ୍ଦ୍ରମୋହନ ଡେପୁଟୀ ମାଜିଷ୍ଟ୍ରେଟ୍ ଚାକିରି ପାଇଁ ପ୍ରସ୍ତୁତି ଚଳାଇ ଥିଲେ । ଏ ଦିଗରେ କବିବର ରାଧାନାଥ ତାଙ୍କୁ କ୍ଷାନ୍ତ କରାଇଥିଲେ । କବିବରଙ୍କର ଯୁକ୍ତି ଥିଲା ଯେ, ଶିକ୍ଷା ବିଭାଗରେ ନିଯୁକ୍ତ ହେଲେ ଚନ୍ଦ୍ରମୋହନଙ୍କ ସାକାଶେ ସହିତ୍ୟ ଚର୍ଚ୍ଚାର ସୁଯୋଗ ମିଳିବ । ଚନ୍ଦ୍ରମୋହନ ମହାରଣା ରାଧାନାଥ ରାୟଙ୍କୁ ବି ଏଡ଼ାଇ ଦେଇ ପାରିଲେ ନାହିଁ ।

ବାଲେଶ୍ୱର ଜିଲ୍ଲା ସ୍କୁଲରେ ଯୋଗଦେବା ପରେ ତାଙ୍କର ବିବାହ ହୋଇଥିଲା । ବୈବାହିକ ଜୀବନ ସୁଖମୟ ଥିଲା । ପରେ ପତ୍ନୀ ବିୟୋଗ ଘଟିବାରୁ ଦ୍ୱିତୀୟ ଥର ଲାଗି ବିବାହ ମଧ୍ୟ କରିଥିଲେ ।

ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲା ସ୍କୁଲରୁ କଟକ ନର୍ମାଲ ଟ୍ରେନିଂ ସ୍କୁଲକୁ ବଦଳି ହୋଇଗଲେ । ସେଠାରେ ୧୮୯୨ ମସିହାରେ ସେକେଣ୍ଡ ମାଷ୍ଟର ଭାବରେ ଯୋଗ ଦେଲେ । ଜୁନ୍ ୧୮୯୬ରେ ଏଡ଼ିସନାଲ ଟିଚର ପଦକୁ ଉନ୍ନୀତ ହୋଇଥିଲେ । ୧୮୯୮ରେ

Digitized by srujanika@gmail.com

କଟକସ୍ଥିତ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ଏକମାତ୍ର ପାଇଁ ଅଫିସିଏଟିଙ୍ଗ ହେଡମାଷ୍ଟର କାର୍ଯ୍ୟ ତୁଲାଇଲେ ।

ପୁରୀରୁ ଚନ୍ଦ୍ରମୋହନ ଡେପୁଟୀ ଇନସ୍‌ପେକ୍ଟର ଅଫ୍ ସ୍କୁଲ ଭାବେ ବଦଳି ହେଲେ । ତାଙ୍କରିଁ କାର୍ଯ୍ୟକାଳ ଥିଲା ୧୮୯୯ରୁ ୧୯୦୨ ମସିହା ପର୍ଯ୍ୟନ୍ତ । ଡେପୁଟୀ ଇନସ୍‌ପେକ୍ଟର ଥିବାବେଳେ କୌଣସି ଏକ ସ୍କୁଲକୁ ପରିଦର୍ଶନ ସକାଶେ ଯାଇଥିଲେ । ପରିଦର୍ଶନ ସମୟରେ ଗୋଟାଏ କୋଇଲି ବୋବାଇବାରୁ ହେଡ ପଣ୍ଡିତଙ୍କୁ ପ୍ରଶ୍ନ କରିଥିଲେ କୁହନ୍ତୁ ତ ପଣ୍ଡିତ ମହାଶୟ, ଏ କୋଇଲିଟି ମାଈ କି ଅଣ୍ଡିରା । ହେଡ ପଣ୍ଡିତ ସଙ୍ଗେ ସଙ୍ଗେ ଉତ୍ତର ଦେଇଥିଲେ—ମାଈ ହୋଇ ନ ଥିଲେ ଏପରି ମଧୁର ସ୍ୱନ ହୁଅନ୍ତା ନାହିଁ ।

ଚନ୍ଦ୍ରମୋହନ ପ୍ରତିବାଦ କରିଥିଲେ—କ'ଣ ଆପଣ କାଳିଦାସଙ୍କୁ ପଢ଼ନାହାନ୍ତି । ସେ ଲେଖିଛନ୍ତି—ପୁଂ ସ୍କୋକିଳ ଯନ୍ ମଧୁରଂ କୁହୁଜ ।

ପୁରୀରୁ ଚନ୍ଦ୍ରମୋହନ ଡେପୁଟୀ ଇନସପେକ୍ଟର ଅଫ ସ୍କୁଲସ୍ ଭାବରେ ବାଲେଶ୍ୱରକୁ ବଦଳି ହୋଇ ଆସିଲେ । ବାଲେଶ୍ୱରରେ ୧୯୦୨ ମସିହାରୁ ୧୯୦୪ ମସିହା ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ କରିବାପରେ ପୁରୀଜିଲ୍ଲା ସ୍କୁଲକୁ ସେ ବଦଳି ହୋଇଥିଲେ । ସେଠାରେ ୧୯୦୪ ମାର୍ଚ୍ଚ ୩ ତାରିଖରୁ ୧୯୦୭ ପର୍ଯ୍ୟନ୍ତ ହେଡମାଷ୍ଟର ହୋଇ ରହିଲେ ।

୧୯୦୭ ମସିହାରେ ଚନ୍ଦ୍ରମୋହନ କଟକ ନର୍ମାଲ ଟ୍ରେନିଂ ସ୍କୁଲକୁ ଆସିଷ୍ଟାଣ୍ଟ ହେଡମାଷ୍ଟର ଭାବରେ ବଦଳି ହେଲେ । ହେଡମାଷ୍ଟର ମଧୁସୂଦନ ରାଓଙ୍କର ଅନୁପସ୍ଥିତି ଫଳରେ ୧୯୦୭ରେ ହେଡମାଷ୍ଟର ଭାବେ କାର୍ଯ୍ୟକଲେ । ତାହାପରେ ୧୯୦୭ରୁ ୧୯୧୯ ପର୍ଯ୍ୟନ୍ତ ସ୍ଥାୟୀ ହେଡମାଷ୍ଟର ହୋଇଥିଲେ ।

ଚନ୍ଦ୍ରମୋହନ ମଇ ୧୯୧୯ରୁ ଅକ୍ଟୋବର ୧୯୧୯ ପର୍ଯ୍ୟନ୍ତ ଦ୍ୱିତୀୟଥର ସକାଶେ ପୁରୀ ଜିଲ୍ଲା ସ୍କୁଲର ହେଡମାଷ୍ଟର ହେଲେ । ପୁରୀରୁ ପୁଣି ବାଲେଶ୍ୱରକୁ ବଦଳି ହୋଇଥିଲେ । ବାଲେଶ୍ୱର ଜିଲ୍ଲା ସ୍କୁଲରେ ଅକ୍ଟୋବର ୧୯୧୯ରୁ ୧୯୨୪ ମସିହା ମାର୍ଚ୍ଚ ୧୬ ତାରିଖ ପର୍ଯ୍ୟନ୍ତ ହେଡମାଷ୍ଟର ଭାବେ କାର୍ଯ୍ୟ କରିଥିଲେ । ଏହାପରେ ୧୯୨୪ ମାର୍ଚ୍ଚ ୧୫ ତାରିଖରେ ସରକାରୀ ଚାକିରିରୁ ଅବସର ଗ୍ରହଣ କଲେ ।

ଶିକ୍ଷାବିତ୍ ଚନ୍ଦ୍ରମୋହନ ମହାରଣା ସବୁବେଳେ ମତ ଦେଉଥିଲେ—

୧ । ଶିକ୍ଷକ କର୍ତ୍ତବ୍ୟପରାୟଣ ହୋଇ ପ୍ରତ୍ୟହ ଛାତ୍ରମାନଙ୍କର ଉନ୍ନତି ଚିନ୍ତା କରିବେ ।

୨ । ସେମାନଙ୍କର ରୋଗ ବ୍ୟାଧି, ଅଭାବ ଅସୁବିଧା ବିଷୟରେ ଯଥେଷ୍ଟ ପ୍ରତିକାର କରିବେ ।

Digitized by srujanika@gmail.com

୩ । ଛାତ୍ର କୌଣସି ଦୋଷ କଲେ ତାହାଙ୍କୁ ଶାରୀରିକ ବା ଆର୍ଥିକ ଦଣ୍ଡ ନ ଦେଇ ମାନସିକ ପ୍ରାୟଶ୍ଚିତ୍ତ ବଳରେ ସଂଶୋଧନ କରିବେ ।

୪ । ଶିକ୍ଷକ ନିଜର ଅକ୍ଳାନ୍ତ ଚେଷ୍ଟା ଫଳରେ ଛାତ୍ର ସମାଜରେ ଦେବତା ଭଳି ଭକ୍ତି ପାଇବା ଉଚିତ ।

୫ । ପରୀକ୍ଷା ଖାତା ଦେଖିବା ବେଳେ ଶିକ୍ଷକ ନାମ ବା ରୋଲ ନମ୍ବରରେ ଭୁଲି ନ ଯାଇ ଚୋର ଯେପରି ଅସାମୀକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରନ୍ତି, ପରୀକ୍ଷାର୍ଥୀକୁ ଉଦ୍ଧାର କରିବା ପାଇଁ ପରୀକ୍ଷକ-ଶିକ୍ଷକ ସେହିପରି ଚେଷ୍ଟା କରିବେ ।

ଚନ୍ଦ୍ରମୋହନ ଯେଉଁ ସମୟରେ ହେଡମାଷ୍ଟର ହୋଇଥିଲେ, ସେହି ସମୟରେ ଓଡ଼ଶାରେ ବଙ୍ଗାଳୀମାନଙ୍କ ପ୍ରାଧାନ୍ୟ ଯଥେଷ୍ଟ ଥିଲା । ସ୍କୁଲରେ ଅନେକ ବଙ୍ଗାଳୀ ଛାତ୍ର ପଢୁଥିଲେ । ସେମାନେ ଓଡ଼ିଆ ହେଡମାଷ୍ଟରଙ୍କୁ ଆଦୌ ସହିପାରୁ ନଥିଲେ । ପୁରୀ ଜିଲ୍ଲା ସ୍କୁଲରେ ଚନ୍ଦ୍ରମୋହନ ମହାରଣା ହେଡମାଷ୍ଟର ଥିବାବେଳେ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ପ୍ରମୁଖ ତାଙ୍କର ଛାତ୍ର ଥିଲେ । ଏମାନେ ପରବର୍ତ୍ତୀ ଜୀବନରେ ଓଡ଼ଶାରେ ବେଶ୍ ସୁପ୍ରତିଷ୍ଠିତ ହୋଇ ଖ୍ୟାତି ଅର୍ଜନ କରିଥିଲେ ।

ଛାତ୍ରମାନେ ବୀଜ ଗଣିତ ବୁଝିବାରେ ଅସମର୍ଥ ହେଲେ, ଅଧିକ ରାତିରେ ବି ଚନ୍ଦ୍ରମୋହନଙ୍କ କ୍ୱାର୍ଟରରେ ଉପସ୍ଥିତ ହେଉଥିଲେ । ଅଧିକ ରାତିରେ ମଧ୍ୟ ଚନ୍ଦ୍ରମୋହନ ବୀଜଗଣିତ ବୁଝାଇ ଦେଉଥିଲେ । ହସ୍ତାକ୍ଷର ଖରାପ ହେଲେ ବଦଳାଇବାର ଉପାୟ ବତାଇ ଦେଉଥିଲେ । ଅକ୍ଷର ଭଲ କରିବାର ସୂତ୍ର ସେ ଶିଖାଇ ଥିଲେ । ତାହା ହେଉଛି ଯେ, ବ୍ୟବହାର ମିତ ବ୍ୟୟିତ—ଅକ୍ଷରରେ ମଧ୍ୟ ସେଇପରି ଲାଞ୍ଜ, ମୁଣ୍ଡ, ମୋଡ଼ାମୋଡ଼ି ସବୁ ଦରକାର ନାହିଁ । ଅକ୍ଷର ସ୍ପଷ୍ଟ କରିବା ପାଇଁ ଗାରର ଯେତିକି ପ୍ରକାର ଓ ପରିମାଣ ଲୋଡ଼ା, ସେତିକି ହେଲେ ହେଲା ।

ଆକାଶ ନିର୍ମଳ ରହିଥିବା ବେଳେ ଚନ୍ଦ୍ରମୋହନ ଛାତ୍ରମାନଙ୍କୁ ସଙ୍ଗରେ ଧରି ବୁଲାବୁଲି କରୁଥିଲେ ସ୍କୁଲହତା ମଧ୍ୟରେ । ସେହି ସମୟରେ ଆକାଶକୁ ଅନାଇ ଅନାଇ ଗ୍ରହର ଗତି, ମଙ୍ଗଳର ଅତିଚାର, ଚନ୍ଦ୍ରପଥରେ ନିର୍ଦ୍ଦିଷ୍ଟ ଅଶ୍ୱିନୀ, ଆର୍ଦ୍ରା, ପୁନର୍ବସୁ, ଚିତ୍ରା, ସ୍ୱାତି, ଜ୍ୟେଷ୍ଠା, ଉତ୍ତରପଦ ପ୍ରଭୃତି ତାରାପୁଞ୍ଜଠାରୁ ଆରମ୍ଭ କରି ଅନ୍ୟାନ୍ୟ ନକ୍ଷତ୍ର ଚିହ୍ନାଇ ଦେଉଥିଲେ ।

ଥରେ ପୁରୀ ଜିଲ୍ଲା ସ୍କୁଲରେ ପ୍ରାଇଜ ବଣ୍ଟନର ପୂର୍ବଦିନ ଆସିଷ୍ଟାଣ୍ଟ ହେଡମାଷ୍ଟର ଶ୍ରୀ ଭୈରବଚନ୍ଦ୍ର ଦତ୍ତ ଓ ଏସିଷ୍ଟାଣ୍ଟ ଟିଚର ଶ୍ରୀ ଚିନ୍ତାମଣି କରଙ୍କ ସହିତ ଚନ୍ଦ୍ରମୋହନ ପ୍ରାଇଜ ଦେବା ସମ୍ପର୍କରେ ଆଲୋଚନା ଚଳାଉଥିଲେ । ସେହି ସମୟରେ କୌଣସି ଛାତ୍ର ଭିତରକୁ ଯିବା ସକାଶେ ସ୍ପଷ୍ଟ ମନା ଥାଏ । ସତ୍ ସ୍ୱଭାବ ପାଇଁ ଦୁଇଜଣ ଛାତ୍ରଙ୍କର ନାମ ସ୍ଥିର ହେଲା । ନୀଳକଣ୍ଠ ଦାସ ସେତେବେଳେ ପୁରୀ ଜିଲ୍ଲା ସ୍କୁଲର ଛାତ୍ର ଥିଲେ ।

Digitized by srujanika@gmail.com

ଚନ୍ଦ୍ରମୋହନ ତାଙ୍କୁ ଅତ୍ୟନ୍ତ ବିଶ୍ୱାସ କରୁଥିଲେ । ଏହି ସୁଯୋଗରେ ନୀଳକଣ୍ଠ ହେଡ ମାଷ୍ଟରଙ୍କ ନିକଟକୁ ବାହାରିବାରୁ; ଚପରାସୀ ବାଧା ଦେଇଥିଲା । ଚପରାସୀ କଥାରେ ରହି ନ ଯାଇ ହେଡମାଷ୍ଟରଙ୍କୁ ସେ ସାକ୍ଷାତ କରିବାରୁ, ସତ୍ ସ୍ୱଭାବ ସକାଶେ ସ ଇଢ ଦେବା ବଢ ରହିଲା ।

ବୋର୍ଡିଂର ଜଣେ ଯୁବକ ଅନ୍ୟ ଜଣେ ଦୁଇଜଣ ବଙ୍ଗାଳୀ ଛାତ୍ରଙ୍କ ସହିତ ରାତ୍ରି ବେଳେ ବାହାରକୁ ଚାଲିଯାଉଥିଲା । ସେମାନେ ଜଣେ ଅବିବାହିତା ଯୁବତୀଙ୍କ ସହିତ ସମୁଦ୍ରକୂଳରେ ସମୟ କଟାଉଥିଲେ । ନୀଳକଣ୍ଠ ଏହି ବିଷୟ ହେଡ ମାଷ୍ଟରଙ୍କ କାନକୁ ଆଣିଥିଲେ । ଚନ୍ଦ୍ରମୋହନ ନିଜ ଆଖିରେ ଏହି ଘଟଣା ଦେଖିବା ପାଇଁ ନୀଳକଣ୍ଠଙ୍କ ସହିତ ସମୁଦ୍ରକୂଳକୁ ଗଲେ । ଘଟଣା ଦେଖିବା ପରେ ବଙ୍ଗାଳୀ ଛାତ୍ରକୁ ସ୍କୁଲରୁ ବାହାର କରାଇ ଦେଲେ ।

ବଙ୍ଗାଳୀ ଛାତ୍ରର ଅଭିଭାବକ ସୁପ୍ରତିଷ୍ଠିତ ଥିବା ଯୋଗୁଁ ସ୍ଥାନୀୟ ବଙ୍ଗାଳୀମାନଙ୍କୁ ଏକତ୍ରିତ କରାଇ ହେଡମାଷ୍ଟରଙ୍କ ବିରୁଦ୍ଧରେ ମୋକଦ୍ଦମା କରିବାକୁ ବାହାରିଲେ । ଓଡ଼ିଆ ହୋଇ ବଙ୍ଗାଳୀଙ୍କ ଉପରେ ଜୁଲୁମ ଦେଖାଉଛନ୍ତି ବୋଲି ରଟ ହେଲା । ଚନ୍ଦ୍ରମୋହନ ଏଥିରୁ ପ୍ରତି ଭ୍ରୂକ୍ଷେପ କରି ନ ଥିଲେ । ଶେଷରେ ଏହାର ସମାଧାନ କରାଇଥିଲେ ମୁକ୍ତାର ରାମଚନ୍ଦ୍ର ଦାସ ।

ଗୋଦାବରୀଶ ମିଶ୍ର ଦଶମ ଶ୍ରେଣୀରେ ପଢୁଥିଲେ । ଅଭାବରେ ପଡ଼ି ସ୍କୁଲର ଗରିବ-ପାଣ୍ଠିରୁ ଷୋହଳ ଟଙ୍କା ଆତ୍ମସାତ୍ କରି ଅନୁତାପ କଲେ । ଚନ୍ଦ୍ରମୋହନ ସେହି ଟଙ୍କା ଚାନ୍ଦାଦାତାମାନଙ୍କ ନାମରେ ଆଦାୟ ପକାଇ ଗୋଦାବରୀଶଙ୍କ ନାମରେ ଖର୍ଚ୍ଚ ଦେଖାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଗରିବ ପାଣ୍ଠିରୁ ଗୋଦାବରୀଶଙ୍କ ବେତନଦିଆ ହେଉଥିଲା ।

ଚନ୍ଦ୍ରମୋହନ ଯେତେବେଳେ ବଦଳି ହୋଇ ପୁରୀକୁ ଆସିଥିଲେ, ସେ ସମୟରେ ଇଂରେଜୀ ଶିକ୍ଷକଙ୍କ ପ୍ରତି ଅଧିକ ଭୟ ଥିଲା । ସେ ଏକାଦଶ ଶ୍ରେଣୀରେ ଇଂରେଜୀ ପଢ଼ାଉଥିଲେ । ପୁରୀ ଜିଲ୍ଲା ସ୍କୁଲରେ ସିଏ ପ୍ରଥମ ଓଡ଼ିଆ ହେଡମାଷ୍ଟର ।

ବଙ୍ଗାଳୀ ଓକିଲଙ୍କର ପୁଅ ଜଣେ ଏକାଦଶ ଶ୍ରେଣୀରେ ପଢୁଥିଲେ । ଦିନେ ହେଡମାଷ୍ଟର ଶ୍ରେଣୀକୁ ଆସି ବେତ୍ରାଘାତ କଲେ ସେହି ଛାତ୍ରଙ୍କୁ । ଏହି ଛାତ୍ର ଜଣକ ହେଡମାଷ୍ଟରଙ୍କୁ କଚେରୀକୁ ଟାଣିବାର ଧମକ୍ ଦେଇଥିଲେ । ଛାତ୍ର ବିରୁଦ୍ଧରେ ଗୁରୁତର ଅଭିଯୋଗ ଥିବା ଯୋଗୁଁ ଚନ୍ଦ୍ରମୋହନଙ୍କୁ କଚେରୀକୁ ଯିବାପାଇଁ ପଡ଼ିଲା ନାହିଁ ।

ବୋର୍ଡିଂରେ ତାସ ଖେଳ ଚାଲିଥିଲା । ଚନ୍ଦ୍ରମୋହନ ଏହାକୁ ବନ୍ଦକରାଇ ଦେଲେ । ଛାତ୍ରମାନେ ହାତେ ମାପି ରଖଣ୍ଡେ ଚାଲିବାକୁ ଶିଖିଲେ । ବିଦ୍ୟାଳୟର

Digitized by srujanika@gmail.com

ବାତାବରଣ ଶାନ୍ତ ପଡ଼ିଆସିଲା । ଛାତ୍ରମାନେ ରାତ୍ରିରେ ସମୁଦ୍ରକୂଳକୁ ଯିବା ବନ୍ଦ ହୋଇଗଲା ।

ଗୋଦାବରୀଶ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଶିକ୍ଷା ବିଭାଗ ଡ଼ିରେକ୍ଟର ପରିଦର୍ଶନରେ ଆସିଲେ । ସେତେବେଳେ ପଶ୍ଚିମବଙ୍ଗ, ପୂର୍ବବଙ୍ଗ, ଓଡ଼ିଶା ଓ ବିହାରର ଥିଲେ ଏକମାତ୍ର ଜଣେ ଡିରେକ୍ଟର । ହଠାତ୍ ଦଶମ ଶ୍ରେଣୀକୁ ସେ ଚାଲି ଯାଇଥିଲେ । ଶ୍ରେଣୀରେ ପ୍ରଥମ ଛାତ୍ରକୁ ଡାକିବାକୁ ଚାହିଁବାରୁ ହେଡମାଷ୍ଟର ଗୋଦାବରୀଶଙ୍କୁ ପୁସ୍ତକ ଧରି ପଢ଼ିବା ପାଇଁ ନିର୍ଦ୍ଦେଶ ଦେଲେ । ଗୋଦାବରୀଶ ଦୁଇଧାଡ଼ି ନ ପଢୁଣୁ ଡ଼ିରେକ୍ଟର ଆଉ ଇନସ୍ପେକ୍ଟର ଦୁହେଁ ହସି ପକାଇ ଥିଲେ । ଚନ୍ଦ୍ରମୋହନଙ୍କ ମୁଖମଣ୍ଡଳ ଏହା ଫଳରେ କଳାପଡ଼ିଗଲା ।

ଡିରେକ୍ଟର ଫେରିଯିବାପରେ ଦଶମ ଶ୍ରେଣୀର ନିର୍ଘଣ୍ଟ ବଦଳି ଗଲା । ଚନ୍ଦ୍ରମୋହନ ନିଜେ ଆସି ଦ୍ୱିତୀୟ ପିରିଅଡରେ ଇଂରେଜୀ ପଢ଼ାଇଲେ । ଗୋଦାବରୀଶଙ୍କୁ ପ୍ରଥମେ ପଢିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । କିଛି ଭୁଲ ହେଲେ ବେଞ୍ଚ ଉପରେ ଛିଡ଼ା ହେବାର ସଙ୍କେତ ଦିଅନ୍ତି । ଚାରିମାସ ଏମିତି ଭାବେ ଗଡ଼ିଗଲା । ଗୋଦାବରୀଶ ଦ୍ୱିତୀୟ ପିରିଅଡର ସ୍କୁଲ ଛୁଟି ପର୍ଯ୍ୟନ୍ତ ଛିଡ଼ା ହେଉଥିଲେ । ଅନ୍ୟ ଶିକ୍ଷକମାନେ ସେମାନଙ୍କ ପିରିଅଡରେ ଗୋଦାବରୀଶଙ୍କୁ ବାହାରକୁ ଛାଡ଼ ଦେଉଥିବା ଯୋଗୁଁ ଦଣ୍ଡରୁ କିଛି ସମୟ ରକ୍ଷା ମିଳୁଥିଲା । ଏହି ଚାରିମାସ ମଧ୍ୟରେ ଗୋଦାବରୀଶ ଇଂରେଜୀ ଅଭିଧାନ ଧରି ସବୁ ମୁଖସ୍ଥ କରିନେଲେ ।

ଦିନେ ଚନ୍ଦ୍ରମୋହନ ଶ୍ରେଣୀକୁ ଆସି ପୂର୍ବଭଳି ପଢ଼ିବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଗୋଦାବରୀଶ ପଦ୍ୟର ତୃତୀୟ ଧାଡ଼ି ପର୍ଯ୍ୟନ୍ତ ପଢ଼ନ୍ତି । ଏମିତି ସମୟରେ ତାଙ୍କୁ ବେଞ୍ଚ ଉପରେ ଛିଡ଼ା ହେବାପାଇଁ କୁହାଗଲା । ଏଥିରେ ସେ ପ୍ରତିବାଦ କଲେ ମଧ୍ୟ ପ୍ରତିକାର କିଛି ହେଲା ନାହିଁ । ତାଙ୍କୁ ତୃତୀୟ ପିରିଅଡ ଯାଏଁ ଛିଡ଼ା ହେବାକୁ ପଡ଼ିଲା । ସେହି ପିରିଅଡରେ ହେଡମାଷ୍ଟର ବସିବା ପାଇଁ ନିର୍ଦ୍ଦେଶ ପଠାଇଲେ । ଏହାପରେ ଆଉ କେବେ ଗୋଦାବରୀଶଙ୍କୁ ଛିଡ଼ା ହେବା ପାଇଁ ପଡ଼ିନାହିଁ ।

ପୁରୀ ଜିଲ୍ଲା ସ୍କୁଲରେ କୃପାସିନ୍ଧୁ ମିଶ୍ର ଛାତ୍ର ଥିବା ବେଳେ ଚନ୍ଦ୍ରମୋହନ କୌଣସି କାରଣରୁ ସାତଦିନ ପର୍ଯ୍ୟନ୍ତ ବେଞ୍ଚରେ ଛିଡ଼ା ହେବାକୁ ନିର୍ଦ୍ଦେଶ ଦେଲେ । ଦୁଇଦିନ ପରେ କୃପାସିନ୍ଧୁଙ୍କର ଦୁଇପାଦ ଫୁଲିଗଲା । ତାଙ୍କୁ ବାତଜ୍ୱର ଧରିଲା । ଭୟରେ କେହି ଏକଥା ହେଡମାଷ୍ଟରଙ୍କ କାନକୁ ନେଇ ପାରିଲେ ନାହିଁ । ତୃତୀୟ ଦିନ ପଣ୍ଡିତ ଗୋପବନ୍ଧୁ ଦାଶ ଏହି ବିଷୟ ଚନ୍ଦ୍ରମୋହନଙ୍କ କାନକୁ ନେଲେ । ଫଳରେ କୃପାସିନ୍ଧୁଙ୍କୁ ଦଣ୍ଡରୁ ଅବ୍ୟାହତି ମିଳିଲା । ଏହି ଘଟଣା ପରେ ହେଡମାଷ୍ଟର ଆଉ କୌଣସି ଛାତ୍ରକୁ ଛିଡ଼ା କରାଇ ନଥିଲେ ।

Digitized by srujanika@gmail.com

ପରବର୍ତ୍ତୀ ଜୀବନରେ କୃପାସିନ୍ଧୁଙ୍କ ସହିତ ଚନ୍ଦ୍ରମୋହନଙ୍କର ଭେଟ ହେଉଥିଲା । ଚନ୍ଦ୍ରମୋହନ ସଙ୍ଗେ ସଙ୍ଗେ ନଇଁ ପଡୁଥିଲେ । କୃପାସିନ୍ଧୁଙ୍କ ପାଦଦ୍ୱୟ ଆଉଁସି ଦେଉଥିଲେ ଏବଂ ଅନୁତାପ ମଧ୍ୟ କରୁଥିଲେ ।

କାଳିନ୍ଦୀ ଚରଣ ପାଣିଗ୍ରାହୀ ପୁରୀ ଜିଲ୍ଲା ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥା'ନ୍ତି । ଏହି ସମୟରେ ପିଲଗ୍ରେଭସ୍ ଟ୍ରେଜେରୀ ବା ଗୋଲଡେନ ଟ୍ରେଜେରୀ ଇଂରେଜୀ କବିତା ସଙ୍କଳନ ପଢ଼ା ହେଉଥିଲା । 'The Cuckoo' କବିତାଟି ଚନ୍ଦ୍ରମୋହନ ପଢ଼ାଉଥିଲେ । ପ୍ରଥମଥର ସକାଳେ ଦଶମକୁ ସେ ଯାଇଥା'ନ୍ତି ।

ଚନ୍ଦ୍ରମୋହନ ପ୍ରଶ୍ନ କଲେ — ତୁମେ ସବୁ କୋଇଲି ଦେଖିଛ ?

ଛାତ୍ରମାନଙ୍କ ମଧ୍ୟରୁ କେହି କେହି ହଁ ଆଉ କେହି କେହି ନାହିଁ କହିବାରେ ଲାଗିଲେ ।

ହେଡମାଷ୍ଟର ପୁନରାୟ ପ୍ରଶ୍ନ କରିଥିଲେ — ଅଚ୍ଛା, କୋଇଲିର ଶବ୍ଦ ଶୁଣିଛ ।

ଛାତ୍ରମାନେ ଏକ ସ୍ୱରରେ ଉତ୍ତର ଦେଲେ — ହଁ ।

ହେଡମାଷ୍ଟର ଏଥର କହିଲେ — ଅଚ୍ଛା, କୋଇଲି କିପରି ଶବ୍ଦ କରେ, ତୁମେମାନେ କର ଦେଖି ।'

ସମସ୍ତ ଛାତ୍ର କୁହୁକୁହୁ ଆରମ୍ଭ କରିଦେଲେ । କୁହୁକୁହୁ ଶବ୍ଦରେ ଶ୍ରେଣୀ ଫାଟିପଡୁଥିଲା । ଅବଶ୍ୟ ଛାତ୍ରମାନଙ୍କ ଭୟ କଟାଇବା ସକାଶେ ଏହି ଉପାୟ ସ୍ଥିର କରିଥିଲେ ।

ଶ୍ରେଣୀରେ କବିତା ପଢ଼ା ଆରମ୍ଭ ହୁଏ । ଛାତ୍ରମାନେ ମନଦେଇ ଶୁଣିବାରେ ଲାଗିଯା'ନ୍ତି । ପ୍ରଥମ ପଦରୁ ସମସ୍ତ ଉଦାହରଣ ଦେଇ ଇଂରେଜୀ ସାହିତ୍ୟରେ ପ୍ରତିଶବ୍ଦର ବ୍ୟାଖ୍ୟା, ବ୍ୟବହାର ଦର୍ଶାଇ ପ୍ରମାଣ ମାନ ଉପସ୍ଥାପିତ କରନ୍ତି । ଭାରତୀୟ ସାହିତ୍ୟରେ କୋଇଲିର ସ୍ଥାନ ମଧ୍ୟ ନିରୂପଣ କରାଇ ଦିଅନ୍ତି । ଏମିତି ଗୋଟିଏ ପରେ ଗୋଟିଏ ପରିଅଡ଼; ଦିନ ପରେ ଦିନ କଟିଗଲା ଯେ 'The Cuckoo' ବୁଝାଇବା ଶେଷ ହେଲା ନାହିଁ ।

ପୁରୀ ଜିଲ୍ଲା ସ୍କୁଲରୁ ଚନ୍ଦ୍ରମୋହନ ବିଦାୟ ନେବା ସମୟରେ ସଭାର କୌଣସି ଆୟୋଜନ କରାହୋଇ ନ ଥିଲା । ଛାତ୍ରମାନେ ଜୋର୍‌ରେ ଏକ ବିଦାୟ ସଭାର ଆୟୋଜନ କରାଇଲେ । ହେଡମାଷ୍ଟରଙ୍କୁ ଯାଇ ସେମାନେ ଡାକିଥିଲେ ।

ଚନ୍ଦ୍ରମୋହନ ଚେରୁଆବସ୍ତ୍ର ପିନ୍ଧି — ବାହାରକୁ ଆସିଲେ । ଛାତ୍ରମାନଙ୍କୁ ପଚାରିଥିଲେ — ପିଲାଏ; କାହିଁକି ଡାକିଛ ।

ଛାତ୍ରମାନେ ଜଣାଉଥିଲେ — ଆପଣ ଯାଉଛନ୍ତି; ଆମକୁ କିଛି ଉପଦେଶ ଦିଅନ୍ତୁ ।

Digitized by srujanika@gmail.com

ବିଦାୟ ସଭା ପାଇଁ ଚେୟାର ଟେବୁଲର ଆୟୋଜନ କରାହୋଇଥିଲା । ଚନ୍ଦ୍ରମୋହନ ଚେୟାରରେ ନ ବସି ତଳେ ବସିପଡ଼ିଲେ । ତାଙ୍କରି ଚାରିପାଖରେ ଛାତ୍ରମାନେ ବସିଗଲେ ।

ଚନ୍ଦ୍ରମୋହନ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ କେବଳ ଏତିକି କହିଥିଲେ—ଆଚ୍ଛା; ମୁଁ ଗୋଟିଏ କଥା କହିଯିବି । ତୁମ୍ଭମାନଙ୍କ ଚରିତ୍ର ଏପରି ହେଉ, ଯେପରିକି ଶତ୍ରୁ ସୁଦ୍ଧା ସେଥିରେ ଦୋଷ ଦେଖି ନ ପାରୁ ।

ବଦଳି ହୋଇ ଚନ୍ଦ୍ରମୋହନ କଟକ ଗଲେ । ସେଠାରେ ନର୍ମାଲ ଟ୍ରେନିଂ ସ୍କୁଲର ହେଡମାଷ୍ଟର ଭାବେ ଯୋଗ ଦେଇସାରି ଗୋଦାବରୀଶ ମିଶ୍ରଙ୍କୁ ବୃତ୍ତି ପାଇବା ସମ୍ବାଦ ପତ୍ରରେ ଜଣାଇଥିଲେ । ସେହି ପତ୍ରରେ ପ୍ରସ୍ତାବ ଦେଇଥିଲେ ଯେ, ଗୋଦାବରୀଶ ହେଡମାଷ୍ଟରଙ୍କ ବସାରେ ଆସି ରହିବେ ଆଉ ଅଧ୍ୟୟନ କରିବେ । ଖିଆପିଆ ଖର୍ଚ୍ଚ ବାବଦରେ ପୁତ୍ର ରଜନୀଙ୍କୁ ପଢ଼ାଇବେ । ଫଳରେ ଗୋଦାବରୀଶ କଟକ ଆସି ଚନ୍ଦ୍ରମୋହନଙ୍କ ବସାରେ ରହିଲେ ଏବଂ କଲେଜରେ ନାମ ଲେଖାଇଲେ ।

ଚନ୍ଦ୍ରମୋହନଙ୍କ ପୁରୀରେ ଥିବା ବେଳେ ଗୋଦାବରୀଶଙ୍କ ଉପରେ ଶେଷେଇ ପାଳି ପଡ଼ୁଥିଲା । ଗୋଦାବରୀଶ କଟକ ଆସିବାରେ ମାସକୁ ପନ୍ଦର ଦିନ ଶେଷେଇ ପାଳି ପଡ଼ିଲା । ହେଡମାଷ୍ଟରଙ୍କ କଡ଼ା ସ୍ୱଭାବ ଯୋଗୁଁ ପୂଝାରୀ କେହି ରହି ପାରୁ ନଥିଲେ ।

ବେସର ବାଟିବା ଯୋଗୁଁ ଗୋଦାବରୀଶଙ୍କର ହାତ ହଳଦିଆ ହେଉଥିଲା । ଏଥିପାଇଁ ସହପାଠୀମାନେ ପରିହାସ କରୁଥିଲେ । ଶେଷେଇ କରି ପଢ଼ୁଛନ୍ତି ବୋଲି କହିବା ସକାଶେ ଲଜ୍ଜା ଆସୁଥିଲା । ପୂଝାରୀ ଆଉ ରଜନୀର ଦାୟିତ୍ୱ ତୁଲାଇବାର ଦେଖି ରଜନୀ ଗୋଦାବରୀଶଙ୍କୁ ଚାକରବୋଲି ମନେ କରୁଥିଲେ । ଏପରିକି ସେ ଗୋଦାବରୀଶଙ୍କ ନାଆଁ ଧରି ଡାକୁଥିଲେ ।

ଅଧ୍ୟୟନରେ ପ୍ରତିବନ୍ଧକ ହେଉଥିଲେ ମଧ୍ୟ ଗୋଦାବରୀଶ ଚନ୍ଦ୍ରମୋହନଙ୍କର ବସାଘର ଛାଡ଼ି ଚାଲିଯାଇ ପାରୁ ନ ଥିଲେ । ବିନା ମଶାରୀରେ ତାଙ୍କୁ ଶୋଇବାକୁ ହେଉଥିଲା । ଥରେ ଇଶାନ୍ ବାବୁ ଆସି ଚନ୍ଦ୍ରମୋହନଙ୍କ ବସାରେ ଉପସ୍ଥିତ ହେଲେ । ରାତିରେ ଖିଆପିଆ ଶେଷ ହେବା ପରେ ସମସ୍ତେ ନିଦ୍ରାଗଲେ । ରାତି ଅଧରେ ଇଶାନ ବାବୁ ଗୋଦାବରୀଶ ପାଇଁ ମଶାରୀ କିଣି ଆଣି ଦେଲେ ।

ଗୋଦାବରୀଶ ଥରେ ଶିକାରୁ ଘିଅଘଡ଼ି ବାହାର କରି ଲେଉରେ ଟେମଆଏ ଘିଅ ପାଟିରେ ଦେଲେ । ସେ ସମସ୍ତଙ୍କୁ ଖାଇବା ପାଇଁ ଘିଅ ଦେଉଥିଲେ କିନ୍ତୁ ସେ ନିଜେ ଖାଇପାରୁ ନ ଥିଲେ । ସମସ୍ତଙ୍କ ଅଗୋଚରରେ ଘିଅ ଖାଇଥିବାରୁ ମନରେ ଅନୁତାପ

Digitized by srujanika@gmail.com

ଆସିଲା । ଚନ୍ଦ୍ରମୋହନଙ୍କ ସମ୍ମୁଖରେ ଏ କଥା କହିବା ପାଇଁ ଗଲେ ମଧ୍ୟ ମୁହଁଖୋଲି କିଛି କହିପାରନ୍ତି ନାହିଁ । ଫେରି ଆସନ୍ତି ସିଏ । କହିବା ସକାଶେ ସଙ୍କୋଚ ଆସେ ।

ବସାର ଖର୍ଚ୍ଚ ବାବଦ ହିସାବପତ୍ର ଗୋଦାବରୀଶ ନିଜେ ରଖୁଥିଲେ । ବେତନ ପାଇବା କ୍ଷଣି ତାଙ୍କ ହାତକୁ ଚନ୍ଦ୍ରମୋହନ ଖର୍ଚ୍ଚ ବାବଦରେ ଷାଠିଏ ଟଙ୍କା ଦେଇ ଦିଅନ୍ତି । ଏହି ଟଙ୍କା ମାଗିବା ଆଳରେ ଗୋଦାବରୀଶ ଯାଇ ଘିଅ କଥା କହିଲେ । ଚନ୍ଦ୍ରମୋହନ ଏଥିରେ ବିରକ୍ତ ହେବା ପରିବର୍ତ୍ତେ ସାନ୍ତ୍ୱନା ଦେଲେ ।

ବୋଡ଼ିଙ୍ଗରେ ଦିନେ ହେଡମାଷ୍ଟରଙ୍କର କଥାବାର୍ତ୍ତା । ଅଭ ଚଳିଚଳଣ ସମ୍ପର୍କରେ ଅଭିନୟ ଚାଲିଥିଲା । ଛାତ୍ରମାନଙ୍କ ମେଳରେ ଗୋଦାବରୀଶ ବି ଥିଲେ । ଚନ୍ଦ୍ରମୋହନ ସେହି ସମୟରେ ଉପସ୍ଥିତ ହେବାରୁ ଅନ୍ୟମାନେ ଚାଲିଗଲେ । ଚିହ୍ନାପଡ଼ିଲେ ଏକା ଗୋଦାବରୀଶ । ସେହିଦିନ ଚନ୍ଦ୍ରମୋହନ ନିଜ ବସାରୁ ଗୋଦାବରୀଶଙ୍କୁ ବିଦାୟ କରି ଦେଲେ ।

ଲକ୍ଷ୍ମୀନାରାୟଣ ସାହୁ ଆଇ.ଏସ ସି. ପଢ଼ିବା ସମୟରେ ଚନ୍ଦ୍ରମୋହନଙ୍କ ପାଖରେ ଟ୍ରେନିଂ ସ୍କୁଲ ଘରେ ରହୁଥିଲେ । ହେଡମାଷ୍ଟର ପ୍ରତି ରବିବାରରେ ଦୁଇ ତିନି ଜଣଙ୍କୁ ନିମନ୍ତ୍ରଣ କରି ଖୁଆଉଥିଲେ । ମୃତ୍ୟୁଞ୍ଜୟ ବାବୁ ଥରେ ନିମନ୍ତ୍ରିତ ହୋଇଥିଲେ । ସେହି ରବିବାରରେ ମୃତ୍ୟୁଞ୍ଜୟ ବାବୁ, ଲକ୍ଷ୍ମୀନାରାୟଣ ସାହୁ ଓ ବାଲେଶ୍ୱରର ବୈଦ୍ୟନାଥ ପଣ୍ଡା ମଧ୍ୟାହ୍ନ ଭୋଜନରେ ଯୋଗ ଦେଲେ ।

ପୂଝାରୀ ପ୍ରଥମେ ଚନ୍ଦ୍ରମୋହନଙ୍କ ପାଖରେ ଭାତ ଥୋଇଲା । ଏଥିରେ ସେ ବିରକ୍ତ ହୋଇଉଠିଲେ । ପୂଝାରୀ କିଛି ବୁଝି ନ ପାରି ଭୟ କରିଗଲା । ଚନ୍ଦ୍ରମୋହନ ପ୍ରଥମେ ମୃତ୍ୟୁଞ୍ଜୟ ବାବୁଙ୍କୁ ଭାତ ଦେବାପାଇଁ ସଙ୍କେତ ଦେଲେ । ପୂଝାରୀ ପୁଣି ଥରେ ଭୁଲ କଲା ତରକାରୀ ଦେବା ସମୟରେ । ଚନ୍ଦ୍ରମୋହନ ଭୀଷଣ ରାଗିଗଲେ । ପୂଝାରୀ ଏପରି ହେଲେ ଚଳିପାରିବ ନାହିଁ ବୋଲି କହିଥିଲା ।

ଚନ୍ଦ୍ରମୋହନ କହିଲେ—ମୁହଁ ସିଲାଇ କର ।

ଆଉ ଜଣେ ପୂଝାରୀ ବସାରେ ଥିବାରୁ ବିଦା ନିଅ କରିଥିଲା ।

କଟକ ନର୍ମାଲ ଟ୍ରେନିଂ ସ୍କୁଲରେ ଥିବାବେଳେ ବୋର୍ଡିଂର ସୁପରିନଟେଣ୍ଡେଣ୍ଟ ଦାୟିତ୍ୱ ନେଇଥିଲେ ନିଜେ ହେଡମାଷ୍ଟର । ଥରେ ହେଲେ ସୁପରଭିଜନ କରିବା ସକାଶେ ବୋର୍ଡିଂକୁ ଯାଇ ନାହାନ୍ତି । ଅଥଚ ଛାତ୍ରମାନଙ୍କର ଦୋଷ ସବୁ ଜାଣିପାରୁଥିଲେ, କୌଶଳରେ ସେ ସମସ୍ତ ସଂଶୋଧନ ବି କରାଇ ଦେଉଥିଲେ ।

ସ୍କୁଲର ଛାତ୍ରମାନେ ମେଧାନୁସାରେ ବସୁଥିଲେ । ଚନ୍ଦ୍ରମୋହନ କିନ୍ତୁ ଅଳ୍ପ ମେଧାବୀ ଛାତ୍ରଙ୍କଠାରୁ ସମସ୍ତ ପ୍ରଶ୍ନର ଉତ୍ତର ଆଦାୟ କରନ୍ତି । ଯେଉଁମାନଙ୍କଠାରୁ ଠିକ୍ ଉତ୍ତର ନ ମିଳେ, ସେମାନଙ୍କୁ ଛିଡ଼ା କରାଇ ଦିଅନ୍ତି । ମାତ୍ର ମେଧାବୀ ଛାତ୍ର ଉତ୍ତର ଦେଇ

Digitized by srujanika@gmail.com

ନ ପାରିଲେ ବସିବାରେ ଆପତ୍ତି ଉଠାନ୍ତ ନାହିଁ । ଦଣ୍ଡରେ ପାତରଅନ୍ତର ଅଛି ବୋଲି ମନେ ହୁଏ । କିନ୍ତୁ ପ୍ରକୃତ ପକ୍ଷେ ତାହା ନୁହେଁ । ସାମାନ୍ୟ ଦଣ୍ଡ ମେଧାବୀ ଛାତ୍ରର ଯେଉଁ ଶାସ୍ତି କରଏ, ଅନ୍ୟ ଛାତ୍ରର ବେତ୍ରାଘାତର ମଧ୍ୟ ସେପରି ହୁଏ ନାହିଁ ।

ଚନ୍ଦ୍ରମୋହନଙ୍କ ଶିକ୍ଷାଦାନର ପଦ୍ଧତି ଅତି ଅସାଧାରଣ । ପଦ୍ୟ ବା ଗଦ୍ୟ ହେଉ ପଢ଼ା ହେବାବେଳେ ତହିଁରେ ଥିବା ବାକ୍ୟ ବା ପଦର ସମ୍ୟକ ଚର୍ଚ୍ଚା ବି ହୋଇଥାଏ । ବ୍ୟାକରଣଗତ ରହସ୍ୟ, ଭଷାଗତ ଦୌର୍ବଲ୍ୟ, ଭିଭିନ୍ନ ଭଷାରେ ତହିଁରେ ସ୍ୱରୂପ ଓ ପ୍ରୟୋଗ ଆଦିର ଚର୍ଚ୍ଚା କରଯାଏ । ଏହି ସମସ୍ତ ଆଲୋଚନା ପ୍ରତ୍ୟେକ ଛାତ୍ରଙ୍କ ଦ୍ୱାର କ୍ରମାନ୍ୱୟରେ କରହେବା ଯୋଗୁଁ ପାସୋରିଯିବା ସମ୍ଭବ ହୁଏ ନାହିଁ ।

ଛାତ୍ରମାନଙ୍କ ଅନୁସନ୍ଧିତ୍ସା ବୃଦ୍ଧି ହେବା ଲାଗି ଶବ୍ଦର ମୌଳିକତା ବା କୌଣସି ବିଷୟରେ ତଥ୍ୟ ପୌରଣିକତା କିମ୍ବା ଐତିହାସିକତା ବୁଝିବା ସକାଶେ ଛାତ୍ରଙ୍କୁ ଭର ଦିଆଯାଏ । ଚନ୍ଦ୍ରମୋହନ ସବୁ କଥା ପାସୋରି ଯା'ନ୍ତି ; କିନ୍ତୁ ଛାତ୍ରଙ୍କୁ ଯାହା କହିବାର ଭର କୁହାଇବାର ଥାଏ, ଆଦୌ ପାସୋରି ପାରନ୍ତି ନାହିଁ । ଛାତ୍ରମାନେ ଅଭିଧାନ, ପୁରଣ ଓ ଇତିହାସ ଆଦିର ସାହାଯ୍ୟ ନେଇଥା'ନ୍ତି । ଛାତ୍ରମାନଙ୍କର ଆନୁସଙ୍ଗିକ ଜ୍ଞାନ ମଧ୍ୟ ବୃଦ୍ଧି ପାଇଥାଏ । ଏସବୁ ସତ୍ତ୍ୱେ ଯଦି ଉଦ୍ଦେଶ୍ୟ ସିଦ୍ଧି ହୋଇ ନ ପାରିଲା; ହେଡ଼ ମାଷ୍ଟର ତତ୍ପର ଦିବସରେ ଏହାର ମୀମାଂସା କରଇ ଦିଅନ୍ତି ।

ଥରେ ପ୍ରଶ୍ନ ହେଲା ଶ୍ରେଣୀରେ—ପଢ଼ା କେଉଁଥିରୁ ଅପଭ୍ରଂଶ ହୋଇଅଛି ?

ଚନ୍ଦ୍ରମୋହନ ଏହି ପ୍ରଶ୍ନ ପଚରିବା ବେଳେ ଅଭିନୟରୁ ସ୍ପଷ୍ଟ ବୁଝାପଡ଼ୁଥିଲା ଯେ ସେ କିଛି ଜାଣି ନାହାନ୍ତି । ପରଦିନ ଏହାର ଉତ୍ତର ଦେବା ସକାଶେ ଛାତ୍ରମାନଙ୍କୁ କୁହାଗଲା । ସବୁ ଛାତ୍ର ଅଭିଧାନର ସାହାଯ୍ୟ ନେଇଥିଲେ । ଅନ୍ୟମାନଙ୍କର ପରାମର୍ଶ ବି କେତେକେ ନେଇଥିଲେ । ତତ୍ପର ଦିବସରେ ଏହି ପ୍ରଶ୍ନ ଉଠାଇବାରୁ ନିର୍ଭୁଲ ଉତ୍ତର କେହି ଦେଇ ପାରିନଥିଲେ । ହେଡ଼ମାଷ୍ଟର କିନ୍ତୁ ବ୍ୟସ୍ତ ହୋଇ ପଢ଼ାଇବାରେ ଲାଗିଲେ । କିଛି ସମୟ ଅତିବାହିତ ହେବା ପରେ ଅନ୍ୟ ଏକ ପ୍ରଶ୍ନ ପଚରିଥିଲେ—ପ୍ରସ୍ତରର ବ୍ୟୁତ୍ପତ୍ତି କିପରି ?

ଏ ପ୍ରଶ୍ନର ଉତ୍ତର ଛାତ୍ରମାନେ ଦେଇପାରିଲେ ନାହିଁ । ପୁଣି ଗୋଟାଏ ଦିନ ସମୟ ଦିଆଗଲା । ଛାତ୍ରମାନେ ଅଭିଧାନରୁ ବ୍ୟୁତ୍ପତ୍ତି ପାଇଁ ପଢ଼ା ଶବ୍ଦ ତହିଁରୁ ଅପଭ୍ରଂଶ ବୋଲି ମନେ କରିନେଲେ । ଶ୍ରେଣୀରେ ଛାତ୍ରମାନେ ଏହି ଉତ୍ତର ଦେବାରୁ, ଚନ୍ଦ୍ରମୋହନ ନିଜେ ଏ ବିଷୟ ଜାଣି ନଥିବାର ଅଭିନୟ କଲେ । ମାତ୍ର ପରେ ଆନନ୍ଦିତ ହୋଇ ମୂଳଶବ୍ଦର ବ୍ୟୁତ୍ପତ୍ତି ସେଥିରୁ ଅପଭ୍ରଂଶ ଶବ୍ଦର ଉତ୍ପତ୍ତି ବାରମ୍ବାର ଆବୃତ୍ତି କରଇଲେ ।

ଏହିଭଳି ରୀତିରେ ଅଧ୍ୟୟନ ଚାଲୁଥିଲା । ଛାତ୍ରମାନଙ୍କ ପକ୍ଷରେ ଏହି ସମସ୍ତ ବୁଝିବା ସମୀଚୀନ ହେଉଥିବାରୁ ଅଧିକ ପଢ଼ିବାକୁ ପଡୁନଥିଲା । ପଢ଼ାଇବା ସମୟରେ

Digitized by srujanika@gmail.com

ଚନ୍ଦ୍ରମୋହନଙ୍କର କୌଣସି ସନ୍ଦେହ ଜାତ ହେଲେ କୌଣସି ପ୍ରକାରେ ଛାତ୍ରମାନଙ୍କୁ ବୁଝାଇ ଦେଇ ନୀରବ ରହୁନଥିଲେ । ସେହି ବିଷୟ ନିଜେ ବୁଝିବା ପରେ ଯାଇ ଛାତ୍ର ମାନଙ୍କୁ ବୁଝାଉଥିଲେ ।

ଚନ୍ଦ୍ରମୋହନଙ୍କର ଅତିପ୍ରିୟ ହେଉଛି କବିବର ରାଧାନାଥଙ୍କର 'ଚିଲିକା' କାବ୍ୟ । ଏହି 'ଚିଲିକା' ପଢ଼ାଇବା ବେଳେ ସେ ଅଭିଭୂତ ହୋଇପଡନ୍ତି । ତାଙ୍କର କୌଣସି ବାହ୍ୟିକ ଜ୍ଞାନ ରହେ ନାହିଁ । ନିଜର ପିରିଅଡ ପରେ ଅନ୍ୟ ଶିକ୍ଷକଙ୍କର ପିରିଅଡ଼ରୁ ସମୟ ବି ଚାଲିଯାଏ ।

ଦିନେ 'ଚିଲିକା' କାବ୍ୟର ପଶ୍ଚିମାକାଶର ବର୍ଣ୍ଣନା ବୁଝାଉଥିଲେ –

ସ୍ୱର୍ଣ୍ଣ ପ୍ରାଚେତସୀ ବର୍ଣ୍ଣ ବଇଭବେ
ମିଶେ ଦିବା ଯହିଁ ଭୂତ ମହାର୍ଣ୍ଣବେ ।

ଭୂତ ଶବ୍ଦର ଅର୍ଥକୁ ଚନ୍ଦ୍ରମୋହନ ପଞ୍ଚ ମହାଭୂତ ବୋଲି ଭାବି ସଙ୍କଟରେ ପଡ଼ିଗଲେ । ତାପରେ ପ୍ରାକ୍‌ଟିସିଂ ସ୍କୁଲର ହେଡପଣ୍ଡିତ ଅର୍ତ୍ତ୍ରାଣ ଶତପଥୀଙ୍କୁ ଡକାଇ ଶ୍ରେଣୀରେ ଅର୍ଥ ପଚାରିଥିଲେ ।

ଚନ୍ଦ୍ରମୋହନ କଟକ ନର୍ମାଲ ଟ୍ରେନିଂ ସ୍କୁଲର ହେଡମାଷ୍ଟର ଥିବାବେଳେ କୌଣସି ଜଣେ ଛାତ୍ରକୁ ବହିଷ୍କୃତ କରାଇଥିଲେ । ଏଥିପାଇଁ ତାଙ୍କୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡ଼ିଥିଲା । ଉତ୍କଳଗୌରବ ମଧୁସୂଦନ ଦାସ ଓ ଓକିଲ ଗୋକୁଳାନନ୍ଦଙ୍କ ସହାୟତାରେ ଏଥିରୁ ମୁକ୍ତ ହୋଇଥିଲେ ।

ପାଠ୍ୟ ପୁସ୍ତକ ରଚୟିତା ଭାବରେ ପଣ୍ଡିତ ଗୋବିନ୍ଦ ରଥ ଓ ପଞ୍ଜିକାକାର ପଣ୍ଡିତ ରାଜକିଶୋର ମିଶ୍ର ହେଉଛନ୍ତି କଟକ ଟ୍ରେନିଂ ସ୍କୁଲର ପ୍ରଥମ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର । ପଣ୍ଡିତ ଭୁବନେଶ୍ୱର ମିଶ୍ର ମଧ୍ୟ ଚନ୍ଦ୍ରମୋହନଙ୍କର ଅତ୍ୟନ୍ତ ପ୍ରିୟଛାତ୍ର ।

୧୮୬୯ ମସିହାରେ ପ୍ରତିଷ୍ଠିତ ନର୍ମାଲ ଟ୍ରେନିଂ ସ୍କୁଲ ପରବର୍ତ୍ତୀ କାଳରେ ସେକେଣ୍ଡାରୀ ଟ୍ରେନିଂ ସ୍କୁଲରେ ପରିଣତ ହେଲା । ପୂର୍ବରୁ ଏହା ଓଡ଼ିଆ ସାହିତ୍ୟର ପ୍ରାଚୀନ କେନ୍ଦ୍ର ଥିଲା । ଭକ୍ତକବି ମଧୁସୂଦନ, ବାଗ୍ମୀ ବିଶ୍ୱନାଥ କର ଓ ଚନ୍ଦ୍ରମୋହନ ମହାରଣାଙ୍କ ଉଦ୍ୟମରେ ପ୍ରଥମେ ଏକ ଆଲୋଚନା ସଭା ଗଠିତ ହେଲା । ଏହି ଆଲୋଚନା ସଭା ପରବର୍ତ୍ତୀ କାଳରେ 'ଉତ୍କଳ ସାହିତ୍ୟ ସମାଜ'ରେ ପରିଣତ ହୋଇଅଛି ।

୧୮୯୪ ମସିହାରେ ଆଲୋଚନା ସଭାର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ଚନ୍ଦ୍ରମୋହନ 'ସାହିତ୍ୟ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲେ । ଏହା 'ଶିକ୍ଷାବନ୍ଧୁ' ପତ୍ରିକାର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟାରେ ପ୍ରକାଶ ପାଇଥିଲା ।

Digitized by srujanika@gmail.com

୧୯୦୭ ମସିହାରୁ ୧୯୨୯ ପର୍ଯ୍ୟନ୍ତ ନର୍ମାଲ ଟ୍ରେନିଂ ସ୍କୁଲରେ ଚନ୍ଦ୍ରମୋହନ ହେଡମାଷ୍ଟର ଥିବାବେଳେ ଓଡ଼ିଆ ସାହିତ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହା ବ୍ୟତୀତ 'ଉତ୍କଳ ସାହିତ୍ୟ' ପତ୍ରିକା ଆଦି ପାଇଁ ପ୍ରବନ୍ଧ ଓ କବିତା ରଚନା କରୁଥିଲେ ।

ଚନ୍ଦ୍ରମୋହନ ୧୯୧୦ କିମ୍ବା ୧୯୧୧ ମସିହାରେ 'ଓଡ଼ିଆ ବ୍ୟାକରଣ' ରଚନା କରିଥିଲେ । ସେତେବେଳେ ଏହାର ମୂଲ୍ୟ ଥିଲା ପାଞ୍ଚ ପଇସା । 'ଓଡ଼ିଆ ବ୍ୟାକରଣ' ଶିକ୍ଷାବିଭାଗ ଡିରେକ୍ଟରଙ୍କ ଦ୍ୱାରା ୧୧ । ୭ । ୪୪ ଗେଜେଟ୍‌ର ୯ ନମ୍ବର ନୋଟିଫିକେସନରେ ୪ର୍ଥ ଓ ୫ମ ଶ୍ରେଣୀ ପାଇଁ ପାଠ୍ୟ ପୁସ୍ତକରୂପେ ପ୍ରଚଳିତ ହୋଇଥିଲା । ଚନ୍ଦ୍ରମୋହନ ଦୁଇଖଣ୍ଡି ବ୍ୟାକରଣ ପୁସ୍ତକ ରଚନା କରିଥିଲେ । ପ୍ରଥମ ଭାଗଟି ଚତୁର୍ଥ ପଞ୍ଚମ ଶ୍ରେଣୀ ପାଇଁ ଏବଂ ଦ୍ୱିତୀୟ ଭାଗଟି ଷଷ୍ଠ – ସପ୍ତମ ଶ୍ରେଣୀ ପାଇଁ ପାଠ୍ୟ ପୁସ୍ତକ ହୋଇଥିଲା ।

୧୯୧୬।୧୭ ମସିହାରେ ମ୍ୟାକ୍‌ମିଲାନ ଏଣ୍ଡ କୋ. ଚନ୍ଦ୍ରମୋହନଙ୍କୁ ପାଠ୍ୟପୁସ୍ତକ ରଚନା କରିବାକୁ ଅନୁରୋଧ ଜଣାଇଥିଲେ । ଫଳରେ ଚନ୍ଦ୍ରମୋହନ 'କଥାବଳୀ' ପୁସ୍ତକ ରଚନା କରିଥିଲେ । ପ୍ରଥମେ ଏହା ତିନି ଭାଗରେ ପ୍ରକାଶ କରାହେଲା । ପରେ କିନ୍ତୁ ଦୁଇଖଣ୍ଡିରେ 'କଥାବଳୀ' ପ୍ରକାଶ ପାଇଲା । ଏଥିରେ ଥିବା ବିଷୟବସ୍ତୁ ବିଭିନ୍ନ ସୂତ୍ରରୁ ସଂଗୃହୀତ ହୋଇଥିଲା । ମାତ୍ର ରଚନା ଶୈଳୀରେ ମୌଳିକତା ରହିଥିଲା । ସହିଷ୍ଣୁତା, ନିର୍ଭୀକତା, ସତ୍ୟବାଦୀତା ପ୍ରଭୃତି ଶିକ୍ଷଣୀୟ ବିଷୟକୁ ସରଳ ଭାଷାରେ ଲେଖାଯିବା ଫଳରେ ଛାତ୍ରଛାତ୍ରୀଙ୍କ ମନରେ ପ୍ରଭାବ ପକାଇ ପାରୁଥିଲା । ଦୀର୍ଘ କାଳଧରି ବିଦ୍ୟାଳୟରେ ଏହି 'କଥାବଳୀ' ପାଠ୍ୟପୁସ୍ତକ ଭାବରେ ପ୍ରଚଳିତ ହୋଇଥିଲା । ଏହାର ତେଲଗୁ ସଂସ୍କରଣ ମଧ୍ୟ ପ୍ରକାଶ ପାଇଥିଲା । ଇ ମାର୍ସଡାନ ହେଉଛନ୍ତି 'କଥାବଳୀର' ମୂଳ ଲେଖକ । ଚନ୍ଦ୍ରମୋହନ କିନ୍ତୁ କଥାବଳୀ ପୁସ୍ତକର ରୟାଲଟି ବାବଦରେ ଆଠଶହ ଟଙ୍କା ପାଇଥିଲେ । ପ୍ରଥମେ ସେ ଏହା ଗ୍ରହଣ କରିବାକୁ ଅସମ୍ମତ ଥିଲେ । ପରେ କମ୍ପାନୀର ଅନୁରୋଧରେ ରୟାଲଟି ନେଇଥିଲେ ।

ସେ ସମୟରେ ଉଚ୍ଚ ଶିକ୍ଷିତ ବଙ୍ଗାଳୀମାନେ ଉଚ୍ଚପଦସ୍ଥ ଇଂରେଜ ଅଫିସରମାନଙ୍କୁ ଓଡ଼ିଆରେ ପାଠ ପୁସ୍ତକର ଅଭାବ ରହିଥିବା ବିଷୟ ଦର୍ଶାଉ ଥିଲେ । ଭର୍ଣ୍ଣାକ୍ୟୁଲାର ସ୍କୁଲ ଗୁଡ଼ିକରେ ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ପ୍ରବର୍ତ୍ତନ ପାଇଁ ସେମାନେ ପ୍ରବର୍ତ୍ତାଇ ଥିଲେ । ଯେଉଁମାନେ ସେତେବେଳେ ଓଡ଼ିଆ ପାଠ୍ୟ ପୁସ୍ତକ ରଚନା ପାଇଁ ଭୂମିକା ଗ୍ରହଣ କରିଥିଲେ ସେହିମାନେ ହେଉଛନ୍ତି-ପଣ୍ଡିତ କପିଳେଶ୍ୱର ବିଦ୍ୟାଭୂଷଣ, ଗୋବିନ୍ଦ ରଥ, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଗୌରୀଶଙ୍କର ରାୟ, ରାମ ପ୍ରସନ୍ନ ମୁଖୋପାଧ୍ୟାୟ, ବିଚ୍ଛନ୍ଦ-ଚରଣ ପଟ୍ଟନାୟକ, ଭୁବନେଶ୍ୱର ଦତ୍ତ, ନିମାଇ ବଲ୍ଲଭ ବିଦ୍ୟାସାଗର, ପ୍ରଭାକର ବିଦ୍ୟାରତ୍ନ,

Digitized by srujanika@gmail.com

ଫକୀରମୋହନ ସେନାପତି, ତାରିଣୀ ଚରଣ ମୁଖୋପାଧ୍ୟାୟ, ଶିବନାରାୟଣ ନାୟକ, ଦ୍ୱାରିକାନାଥ ଚକ୍ରବର୍ତ୍ତୀ, ରମେଶଚନ୍ଦ୍ର ବସୁ, ରାମଶଙ୍କର ରାୟ, ଗଣପତି ଦାସ, ମଣିଚରଣ ମହାପାତ୍ର ଓ ଚନ୍ଦ୍ରମୋହନ ମହାରଣା ପ୍ରମୁଖ । ଏମାନଙ୍କର ଦାନ ଆଦୌ ଭୁଲିହେବ ନାହିଁ ।

ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲା ସ୍କୁଲକୁ ଯେତେବେଳେ ବଦଳି ହୋଇ ଆସିଲେ ସ୍କୁଲ ହତାସବୁ ସଫାସୁତୁରା ହେଲା । ସ୍କୁଲର ରଘୁ ଓ ନକୁଳି ଚପରାସୀ ଦ୍ୱୟ ଛାତ୍ରମାନଙ୍କୁ ଆଉ ବଡପାଟିରେ ଡାକିପାରିଲେ ନାହିଁ । ଛାତ୍ର ଓ ଶିକ୍ଷକମାନେ ନିର୍ଦ୍ଦିଷ୍ଟ ସମୟରେ ସ୍କୁଲକୁ ଆସିଲେ । ଅଧିକାଂଶ ଦିନ ହେଡମାଷ୍ଟର ସ୍କୁଲ ବାରଣ୍ଡା ଦେଇ ଚାରିପାଖ ବୁଲି ଆସୁଥିଲେ । କୌଣସି ଶ୍ରେଣୀକୁ ନଗଲେ ମଧ୍ୟ ସମସ୍ତ ଶ୍ରେଣୀ ପ୍ରତି ଦୃଷ୍ଟି ଦେଉଥିଲେ ।

ଚନ୍ଦ୍ର ମୋହନ ଟଙ୍କା ସ୍ପର୍ଶ କରୁ ନଥିଲେ । ବେତନ ଟଙ୍କା ବା ଅନ୍ୟ କୌଣସି ଟଙ୍କା ଚପରାସୀ ଆଣି ବସାରେ ଦେଉଥାଏ । ବସାରେ ଚନ୍ଦ୍ରମୋହନ ନିଜ ବାକ୍ସରେ ଚାବି ଦେଉନଥିଲେ । ଏହି ବାକ୍ସରେ ଟଙ୍କା ସୁନା, ମୋହର, ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର; ସ୍କୁଲ ପରୀକ୍ଷାର ମାର୍କଲିଷ୍ଟ ପ୍ରଭୃତି ରହୁଥାଏ । ମାତ୍ର ବାହାରକୁ ଏସବୁ ପ୍ରଘଟ ହେଉ ନଥିଲା ।

ବାଲେଶ୍ୱର ଜିଲ୍ଲା ସ୍କୁଲରେ ହରିଶ୍ଚନ୍ଦ୍ର ବଡାଳ ଛାତ୍ର ଥିବା ବେଳେ ୧୯୨୦ ମସିହାରେ ନିଜର ପାରିବାରିକ ଅସୁବିଧା ଯୋଗୁଁ ଟିଉସନ ଉପରେ ନିର୍ଭର କରୁଥିଲେ । ପ୍ରତିଦିନ ଟିଉସନ ସାରି ରାତି ଆଠଟାରେ କି ନଅଟାରେ ସେ ଫେରୁଥିଲେ । ଅନ୍ଧାର ରାତି । ଭୟ ହେବା ସ୍ୱାଭାବିକ୍ । ଭୟ ଏଡାଇବା ସକାଶେ ଗୀତ ଗାଇ ଗାଇ ଆସନ୍ତି । ତାଙ୍କୁ ଗୀତ ଭଲ ଆସୁ ନଥିଲେ ମଧ୍ୟ ମନକୁ ମନ ସଂସ୍କୃତ ଶ୍ଳୋକ ବା କବିତା ଆବୃତ୍ତି କରିଥାନ୍ତି ।

ଦିନେ ସ୍କୁଲ ରାସ୍ତା ଦେଇ ହେଡମାଷ୍ଟରଙ୍କ କ୍ୱାର୍ଟର ନିକଟରେ ଯିବା ବେଳେ ଚପରାସୀ ନକୁଳ ଆସି ଡାକିଲା – ହେ ବାବୁ; କିଏ ଯାଉଚ, ଶୁଣ-ଶୁଣ—

ହରିଶ୍ଚନ୍ଦ୍ରଙ୍କୁ ନକୁଳ ଚିହ୍ନିପାରି କହିଲା, ହେଡମାଷ୍ଟ୍ରେ ଡାକୁଛନ୍ତି—

ହରିଶ୍ଚନ୍ଦ୍ର ଭୟଭୀତ ହୋଇ ହେଡମାଷ୍ଟରଙ୍କ କ୍ୱାର୍ଟରକୁ ଗଲେ । ଚନ୍ଦ୍ରମୋହନ ହରିଶ୍ଚନ୍ଦ୍ରଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ — ତୁମେ ····· ? ତୁମେ 'କୁମାର ସମ୍ଭବ' ଶ୍ଳୋକ ବୋଲି ଯାଅ, ଏହି ବାଟେ ଦିନେ ଦିନେ ?

ହରିଶ୍ଚନ୍ଦ୍ର ଏଥିରେ ସମ୍ମତି ଦେଲେ ।

ହେଡମାଷ୍ଟର ପ୍ରଶ୍ନ କରିଥିଲେ — ତୁମର ତ Additional Mathematics ତୁମେ ସଂସ୍କୃତ 'କୁମାର ସମ୍ଭବ' ଶିଖିଲ କିପରି ?

Digitized by srujanika@gmail.com

ସେକେଣ୍ଡ ପଣ୍ଡିତ ଅନନ୍ତ ରଥ ହରିଶ୍ଚନ୍ଦ୍ର ବଡାଙ୍କଙ୍କୁ 'କୁମାର ସମ୍ଭବ' ପୁସ୍ତକ ଦେଇଥିଲେ । ସୂଚନା ମିଳିଥିଲା ଯେ, ଗୋଟାଏ ମାସ ମଧ୍ୟରେ ପୁସ୍ତକଟି ମୁଖସ୍ଥ କରିପାରିଲେ ପୁରସ୍କାର ମିଳିବ । ଏହି ବିଷୟରେ ହରିଶ୍ଚନ୍ଦ୍ର ଚନ୍ଦ୍ରମୋହନ ସର୍ବଶେଷ ଦର୍ଶାଇ ଦେଲେ ।

ହେଡମାଷ୍ଟର ପୁଣି ପଚାରିଲେ — ଏତେ ରାତିରେ ଇଆଡେ କାହିଁକି ଆସ ? ଏବର୍ଷ ପରା ତୁମର ମ୍ୟାଟ୍ରିକ୍ ପରୀକ୍ଷା; ଏ ସମୟଟା ତୁମର ମନୋଯୋଗ ଦେଇ ପଢ଼ିବା କଥା

ଭୟଭୀତ ହୋଇଗଲେ ହରିଶ୍ଚନ୍ଦ୍ର । ତାପରେ କହିଲେ — ଆଜ୍ଞା, ଆମେ ବଡ ଗରିବ । ଟିଉସନ ନକଲେ ଘର ଚଳେନା । ମା ଭଉଣୀ ଅଛନ୍ତି ।

କିଛି ସମୟ ନୀରବ ରହିଲେ ହେଡମାଷ୍ଟର । ଏହା ପରେ କହିଲେ — ଅଚ୍ଛା, ଯାଅ କାଲି ଦଶଟା ପୂର୍ବରୁ ତୁମ ଗାର୍ଡେନଙ୍କୁ ନେଇ ମୋ ସଙ୍ଗେ ଦେଖା କରିବ ।

ପରଦିନ ଅଭିଭାବକଙ୍କୁ ସଙ୍ଗରେ ଧରି ହରିଶ୍ଚନ୍ଦ୍ର ସ୍କୁଲ ଅଫିସକୁ ଯାଇଥିଲେ । ହେଡମାଷ୍ଟର ବ୍ୟବସ୍ଥା କରାଇ ଦେଲେ ଯେ ଟିଉସନ ପୂରାପୂରି ବନ୍ଦ । ହରିଶ୍ଚନ୍ଦ୍ର ଏଣିକି ବୋର୍ଡିଙ୍ଗରେ ରହିବେ । ତାଙ୍କୁ ସିଟ୍‌ରେଣ୍ଟ, ଖାଇବା ଖର୍ଚ୍ଚ ଆଦି ଦେବାକୁ ପଡ଼ିବ ନାହିଁ । ପ୍ରତି ଶନିବାରରେ ଘରକୁ ଯାଇ ମା ଭଉଣୀଙ୍କର ଖବର ନେଇ ପାରିବେ । ବୋର୍ଡିଙ୍ଗରେ ରହିବାଠାରୁ ହରିଶ୍ଚନ୍ଦ୍ର ଘରକୁ ଯାଇ ଫେରି ଆସିଲେ ଦଶଟା ବେଳେ ହେଡମାଷ୍ଟରଙ୍କ କ୍ୱାର୍ଟରରେ ଖାଉଥିଲେ । ପାଟନା ବିଶ୍ୱବିଦ୍ୟାଳୟରୁ ସମଗ୍ର ବିହାର-ଓଡ଼ିଶାରେ ସେ ତୃତୀୟ ହୋଇ ବୃତ୍ତିଲାଭ କରିଥିଲେ ।

ଚନ୍ଦ୍ରମୋହନ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଯେତେବେଳେ ହେଡମାଷ୍ଟର ଭାବେ ଯୋଗଦେଲେ ଛାତ୍ରମାନେ ତାଙ୍କୁ 'ନୂଆ ହେଡମାଷ୍ଟର' ପଦବୀ ଦେଇଥିଲେ । ସିଏ ଧୋତି ଆଉ କାମିଜ୍ ପିନ୍ଧୁଥିଲେ । ଶ୍ରେଣୀମଧ୍ୟକୁ ପଶିଗଲେ ଛାତ୍ରମାନଙ୍କ ମନରେ ସ୍ୱତଃ ଭୟ ଆସିଯାଏ । ଶ୍ରେଣୀରେ ଥିବାବେଳେ ପିଅନ ରଘୁଯୋଗେ ଅପଣାର ଡାହାଣ ହାତ ଧୋଇ ପରିଷ୍କାର କରୁଥିଲେ । ଭଙ୍ଗଳାରେ କାହାରିକୁ ସିଏ ଡାକୁ ନଥିଲେ । କାହାର ଉପରେ ରାଗୁନଥିଲେ ମଧ୍ୟ । ଇଙ୍ଗିତ ଦ୍ୱାରା ସମସ୍ତ କାର୍ଯ୍ୟ କରାଇ ନେଉଥିଲେ । ଶୃଙ୍ଖଳା ରକ୍ଷା କରିବାରେ ଅତ୍ୟନ୍ତ ଧୁରନ୍ଧର ଥିଲେ ।

ଇଂରେଜୀ ସାହିତ୍ୟରେ ବର୍ଣ୍ଣିତ କୌଣସି ଦୃଶ୍ୟ ସହିତ ଓଡ଼ିଶାର ପ୍ରାକୃତିକ ଦୃଶ୍ୟର ସାଦୃଶ୍ୟ ରହିଥିଲେ ଚନ୍ଦ୍ରମୋହନ ଶ୍ରେଣୀରେ ବର୍ଣ୍ଣନା କରୁଥିଲେ Pip-vant-wincle ପଢ଼ାଇବା ବେଳେ ସେଥିରେ ବର୍ଣ୍ଣିତ ଦୃଶ୍ୟ ସହିତ ଖୋର୍ଦ୍ଧାର କେତେକ ଦୃଶ୍ୟ, ବାଲେଶ୍ୱର ସହର Distela Roadର ଥିବା ଦେବଦାରୁ ଗଛରେ row କୁ Wordswont ଓ Shellyଙ୍କର କବିତା ବୁଝାଇବା ସମୟରେ ବୁଝାଇ ଦେଉଥିଲେ ।

Digitized by srujanika@gmail.com

ଚନ୍ଦ୍ରମୋହନ ଘରେ ଖଲିପତ୍ରରେ ଭୋଜନ କରନ୍ତି । ଶୀତଦିନେ ବୋର୍ଡିଂର ସୁପରିଟେଣ୍ଡେଣ୍ଟଙ୍କ କ୍ୱାର୍ଟରରେ ଗେରୁଆଲୁଗାର କାନି ଘୋଡ଼ହୋଇ ନିଆଁ ପାଖରେ ସେ ବସିଥିବା ବେଳେ ଛାତ୍ରମାନଙ୍କୁ ଖଲି କୋଟ ଗଢ଼ା ସମ୍ପର୍କରେ ପ୍ରଶ୍ନ ପଚାରିଲେ । କୌଣସି ଛାତ୍ର ଏହାର ଉତ୍ତର ଦେଇ ନ ପାରିବାରୁ ନିଜେ ସେ ବୁଝାଇ ଦେଇଥିଲେ ।

ଗ୍ରୀଷ୍ମାବକାଶ ମଧ୍ୟରେ ଚନ୍ଦ୍ରମୋହନଙ୍କର ବେତନ ବୃଦ୍ଧି ହୋଇଥିଲା । ଏଥିପାଇଁ ସେ ସ୍କୁଲର କର୍ମଚାରୀମାନଙ୍କ ସହିତ ଛାତ୍ରମାନଙ୍କୁ ଭୋଜି ଦେଇଥିଲେ । ପ୍ରତ୍ୟେକ ଛାତ୍ରଙ୍କୁ ଅଇଁଠା ବିଷୟରେ ସଚେତନ କରାଇ ଦେଉଥିଲେ । ପୂଝାରୀ ପ୍ରଭୃତି ଉପସ୍ଥିତ ହୋଇ ଖାଦ୍ୟ ପରିବେଷଣ କରିଥିଲେ ।

ବାଲେଶ୍ୱର ଜିଲ୍ଲା ସ୍କୁଲରେ ଚନ୍ଦ୍ରମୋହନ ହେଡମାଷ୍ଟର ଥିବା ବେଳେ ଥରେ ଶିକ୍ଷା ବିଭାଗ ଇନସ୍‌ପେକ୍ଟର ପରିଦର୍ଶନରେ ଆସିଥିଲେ । ହେଡମାଷ୍ଟର ସେତେବେଳେ ଅଫିସ କାର୍ଯ୍ୟରେ ବ୍ୟସ୍ତ ରହିଥିବା ଯୋଗୁଁ ଇନସପେକ୍ଟରଙ୍କ ଉପସ୍ଥିତି ଜାଣି କାର୍ଯ୍ୟରେ ଲାଗିଗଲେ । ସେ ଅଳ୍ପ ସମୟପରେ ଇନସପେକ୍ଟର ପରିଦର୍ଶନ ତାରିଖ ନ ଜଣାଇ ଆସିଥିବାରୁ ମନକୁ ମନ ଲଜ୍ଜିତ ହୋଇଥିଲେ । ସେ ସ୍କୁଲର ସମସ୍ତ ରେକର୍ଡପତ୍ର ତଦନ୍ତ କରି ସନ୍ତୁଷ୍ଟ ହୋଇ ଫେରିଥିଲେ ।

ଚନ୍ଦ୍ରମୋହନ ଯେପରି କ୍ଷଣକ୍ରୋଧୀ; ସେହିପରି ମଧ୍ୟ କ୍ଷମାଶୀଳ । ପରମୁହୂର୍ତ୍ତରେ କିନ୍ତୁ ମନରୁ କ୍ରୋଧକୁ ଦୂରେଇ ଦେଉଥିଲେ । କୌଣସି କାର୍ଯ୍ୟ ଠିକ୍ ଭାବେ କରାହେଉ ନଥିଲେ, ବିରକ୍ତି ପ୍ରକାଶ କରୁଥିଲେ । ଏପରିକି କ୍ଷେତରେ ଠିକ ଭାବରେ ଘାସ କାଟି ପାରୁ ନଥିବାରୁ; ଜଣେ କଟାଳୀକୁ ନିଜେ ଘାସ କାଟି ଦେଖାଇ ଦେଇଥିଲେ ।

ଚନ୍ଦ୍ରମୋହନ ସବୁବେଳେ ରାସ୍ତାକଡରେ ଚାଲୁଥିଲେ । ଏହି ପଥଦେଇ ବହୁ ସାଧୁପୁରୁଷ ପୂର୍ବରୁ ଚାଲିଯାଇ ଛନ୍ତି; ସେମାନଙ୍କର ପଦଚିହ୍ନ ପଥରେ ରହିଯାଇଛି । ତାହା ଉପରେ ଚାଲିଯିବା ଉଚିତ ନୁହେଁ ବୋଲି ସେ ମତ ଦେଉଥିଲେ ।

ଅନ୍ୟର ଶେଯରେ ଚନ୍ଦ୍ରମୋହନ ବସିବାକୁ ଇଚ୍ଛାକରୁ ନ ଥିଲେ । ତାଙ୍କ ଶେଯରେ ସେମିତି କେହି ବସି ପାରୁ ନ ଥିଲେ । ଏପରିକି ଆତ୍ମୀୟ ସ୍ୱଜନ ଏବଂ ପିଲାପିଲି କେହି ବସିପାରୁ ନ ଥିଲେ । ଚନ୍ଦ୍ରମୋହନ ନିଜର ବ୍ୟବହାର ଦ୍ରବ୍ୟମାନ ପୃଥକ୍ ରଖୁଥିଲେ । ଘରେ ଗେରୁଆ ବସ୍ତ୍ର ପିନ୍ଧିବା ସଙ୍ଗକୁ ସରଳ ଓ ନିରଡମ୍ବର ଜୀବନ କରୁଥିଲେ ।

ଚନ୍ଦ୍ରମୋହନ ନିଜର କଲମ କାହାରିକୁ ବ୍ୟବହାର କରିବା ସହାଶେ ଦେଉ ନ ଥିଲେ । ଚାକିରିରେ ଥିବାବେଳେ ଚପରାସୀ ନିୟମତ ସଫାକାଗଜ କଲମରେ ମୋଡ଼ ରଖୁଥାଏ । ଏପରି ନ କଲେଁ ଚନ୍ଦ୍ରମୋହନ କଲମ ବ୍ୟବହାର କରୁ ନ ଥିଲେ । ଏପରିକି ତାଙ୍କ ଚେୟାରରେ ଅନ୍ୟମାନେ କେହି ବସିପାରୁ ନ ଥିଲେ ।

Digitized by srujanika@gmail.com

ଚନ୍ଦ୍ରମୋହନ ହେଉଛନ୍ତି ସଂସ୍କାରବାଦୀ । ସେ ମୁସଲମାନ ଓ ଖ୍ରୀଷ୍ଟିୟାନମାନଙ୍କ ସହିତ ମିଶି ପଂକ୍ତିଭୋଜନ କରୁଥିଲେ । ନିଜେ କିନ୍ତୁ ଗୋପାଳ ମୂର୍ତ୍ତି ପ୍ରତିଷ୍ଠା କରି ନିୟମିତ ପୂଜାପାଠରେ ଲାଗିଥିଲେ । ପରେ ସେ ଶିବ ମନ୍ଦିର ମଧ୍ୟ ପ୍ରତିଷ୍ଠା କରାଇଥିଲେ ।

ପୋଖରୀ ଓ ଜମିବାଡ଼ ସଂକ୍ରାନ୍ତରେ ପଡ଼ୋଶୀ ଠକ ସାହୁଙ୍କ ସହିତ ଚନ୍ଦ୍ରମୋହନ ବହୁକାଳ ଧରି ମାଲିମୋକଦ୍ଦମାରେ ଜଡ଼ିତ ହୋଇ ରହିଲେ । ଏହି ମୋକଦ୍ଦମା ଚାଲିଥିବା ବେଳେ ଠକ ସାହୁଙ୍କ ପ୍ରରୋଚନାରେ ପଡ଼ି ଜଣେ ଚାକରାଣୀ ଚନ୍ଦ୍ରମୋହନଙ୍କ ଚାଳଛପର ଘରେ ନିଆଁ ଲଗାଇ ଦେଲା । ୧୯୧୨ ଡିସେମ୍ବର ୨୪ ତାରିଖର ଏହି ଘରପୋଡ଼ ଘଟଣା । ଘରପୋଡ଼ ଯୋଗୁଁ ଚନ୍ଦ୍ରମୋହନଙ୍କର ଅନେକ ପାଣ୍ଡୁଲିପି ନଷ୍ଟ ହୋଇଗଲା । ପାଣ୍ଡୁଲିପି ଗୁଡ଼ିକର ଶୋଚନୀୟ ପରିଣତି ଦେଖି ସେ ମ୍ରିୟମାଣ ହୋଇ ଯାଇଥିଲେ । ଏହାପରେ ପତ୍ନୀ ରସମଣି ୧୯୨୫ରେ ପରଲୋକ ଗମନ କରିବାରୁ, ସେ ଅତ୍ୟନ୍ତ ହତୋତ୍ସାହ ହୋଇ ପଡ଼ିଲେ ।

ଚନ୍ଦ୍ରମୋହନ ପ୍ରାଣାୟାମ ପ୍ରତି ଅଧିକ ଆକୃଷ୍ଟ ହେବା ଯୋଗୁଁ ସ୍ୱାସ୍ଥ୍ୟ ନଷ୍ଟ ହେଲା । ଶେଷ ଜୀବନରେ ସେ ସାହିତ୍ୟ-ସାଧନାରୁ ଦୂରେଇ ଯାଇଥିଲେ । 'ଉତ୍କଳ ସାହିତ୍ୟ' ପତ୍ରିକାର ସମ୍ପାଦକଙ୍କୁ ଚନ୍ଦ୍ରମୋହନଙ୍କ ଯେଉଁ 'କୈଫିୟତ୍' ଦେଇଥିଲେ, ତାହା ପତ୍ରିକାରେ ପ୍ରକାଶ ପାଇଥିଲା—

ଆପଣ ମୋତେ ଉତ୍କଳ-ସାହିତ୍ୟ ପତ୍ରିକାରେ ଲେଖିବା ପାଇଁ ପତ୍ରଦ୍ୱାରା ଓ ମୌଖିକ ଅନେକ ଥର ଅନୁରୋଧ କରିଛନ୍ତି ଏବଂ ମୁଁ ନ ଲେଖିବାରୁ ବ୍ୟଥିତ ହୋଇଛନ୍ତି । × × × ଯେଉଁ କାରଣରୁ ମୁଁ ଲେଖିବାର ଅଭ୍ୟାସ ପରିତ୍ୟାଗ କରିଅଛି ତାହା ମୁଁ ବର୍ତ୍ତମାନ ଆପଣଙ୍କଠାରେ ବ୍ୟକ୍ତ କରିବାକୁ ଅସମର୍ଥ × × ×

'ଉତ୍କଳ ସାହିତ୍ୟ' ପତ୍ରିକା ପ୍ରକାଶ ପାଇଁ ଚନ୍ଦ୍ରମୋହନ ମହାରଣା ବିଶ୍ୱନାଥ କରଙ୍କର ମୁଖ୍ୟ ସହଯୋଗୀ ଥିଲେ । ୧୮୯୭ ମସିହାର ପ୍ରଥମ ସଂଖ୍ୟାରେ ଚନ୍ଦ୍ରମୋହନଙ୍କ ପ୍ରବନ୍ଧ 'ସାହିତ୍ୟ ପତ୍ରିକାର ଉପଯୋଗିତା' ଓ କବିତା 'ମାଧୁରୀ' ପ୍ରକାଶ ପାଇଥିଲା । ତାଙ୍କର ଶେଷ ଲେଖା 'ଫକୀର ମୋହନ' ଉତ୍କଳ ସାହିତ୍ୟ ପତ୍ରିକାର ୧୯୧୮ ଫକୀରମୋହନ ସ୍ମୃତି-ସଂଖ୍ୟାରେ ପ୍ରକାଶିତ ହୋଇଥିଲା ।

୧୯୨୯ ରେ ଉତ୍କଳ ସାହିତ୍ୟ ସମାଜର ଚତୁର୍ବିଂଶ ବାର୍ଷିକ ଅଧିବେଶନରେ ଗୋପାଳ ଚନ୍ଦ୍ର ପ୍ରହରାଜ ପୌରହିତ୍ୟ କରି କହିଥିଲେ—ଚନ୍ଦ୍ରମୋହନ ଗଦ୍ୟ ରଚନା ଦ୍ୱାରା ଓଡ଼ିଆ ଭାଷାରେ ଯେଉଁ ଭବିଷ୍ୟତ ସୂଚନା କରିଥିଲେ ତାହା ବଣର ମାଳତୀ ପରି ବନରେ ଫୁଟି ଝଡ଼ିଲା ।

Digitized by srujanika@gmail.com

କବିବର ରାଧାନାଥଙ୍କ ମହାପାତ୍ର ସମ୍ପର୍କରେ ଚନ୍ଦ୍ରମୋହନ ଇଂରେଜ ସରକାରଙ୍କୁ ଗୋପନୀୟ ରିପୋର୍ଟ ଦେଉଥିଲେ ବୋଲି ଜନରବ ଉଠିଥିଲା । ରାଧାନାଥ ରାୟଙ୍କର ପରଲୋକ ଗମନ ପର୍ଯ୍ୟନ୍ତ ଚନ୍ଦ୍ରମୋହନଙ୍କ ସୁସମ୍ପର୍କ ରହିଥିବାରୁ ଜନରବ ପୁରାପୁରି ଅବାସ୍ତବ । କବିବରଙ୍କ ପରଲୋକ ପରେ 'ଉତ୍କଳ ସାହିତ୍ୟ'ର ଏକାଦଶ ଭାଗ ଦ୍ୱାଦଶ ସଂଖ୍ୟାରେ ଚନ୍ଦ୍ରମୋହନ 'ପରଲୋକଗତ ରାଧାନାଥ ରାୟ' ପ୍ରବନ୍ଧ ବି ଲେଖିଥିଲେ ।

ରାତି ରହି ଥିଲେ ଶଯ୍ୟାରୁ ଉଠୁଥିଲେ ସେ । ନିତ୍ୟକର୍ମପରେ ପ୍ରାର୍ଥନା କରୁଥିଲେ । ଗୃହସ୍ଥ-ସନ୍ନ୍ୟାସୀପରି ଜୀବନ ଯାପନ କରୁଥିଲେ । ଗେରୁଆ ବସ୍ତ୍ର କେବଳ ପିନ୍ଧୁ ନ ଥିଲେ, ନିରାମିଷ ଆହାର ମଧ୍ୟ କରିଥା'ନ୍ତି । ଘରେ ସନ୍ନ୍ୟାସୀ, ବାହାରକୁ ସାହେବଙ୍କ ପରି ସୁଟ୍ ପିନ୍ଧ ବାହାରକୁ ବାହାରୁ ଥିଲେ ।

ପ୍ରତିଦିନ ଚନ୍ଦ୍ରମୋହନଙ୍କର ଚଟି ଜୋତା ଧୂଆ ହୋଇ ନରମ ରହିବା ପାଇଁ ଘୋଳ ଦହି ଦିଆ ଯାଉଥିଲା । ଶୀତ କାଳରେ ଘୋଡ଼ି ନ ହୋଇ ନିଦ୍ରା ଯାଉଥିଲେ ଚନ୍ଦ୍ରମୋହନ । ଗ୍ରୀଷ୍ମକାଳରେ ଆଦୌ ଛତା ଧରୁ ନଥିଲେ । ଉଦ୍ୟାନ କାର୍ଯ୍ୟ ମୁଖ୍ୟ ବିନୋଦନ ଥିଲା । ନିଜ ହାତରେ ଉଦ୍ୟାନ କରଇ ବିଭିନ୍ନ ପ୍ରକାରର ଫୁଲଫଳ ଗଛ ଲଗାଉଥିଲେ । ବଗିଚାରେ ଗୋଲାପ, ଅଳେଇଚ; ଲବଙ୍ଗ, ଗୁଜୁରାତି, ଡାଲଚିନି ପ୍ରଭୃତି ଗଛ ଲଗାଇଥିଲେ । ଶତ୍ରୁ ଲୋକେ ଗଛ ମୂଳରେ ଗରମ ପାଣି ଢାଳୁଥିଲେ । ଗଛ ଗୁଡ଼ିକ ଝାଉଁଳି ଗଲେ ଚନ୍ଦ୍ରମୋହନଙ୍କ ହୃଦୟ ଫାଟି ପଡୁଥିଲା ।

ଚନ୍ଦ୍ରମୋହନ ଦ୍ୱିପତ୍ନୀକ ଥିଲେ । ପ୍ରଥମ ପତ୍ନୀଙ୍କ ଅକାଳ ବିୟୋଗପରେ ଦ୍ୱିତୀୟ ବିବାହ କରିଥିଲେ । ତାଙ୍କର ତିନି ପୁତ୍ର ଓ ପାଞ୍ଚକନ୍ୟା ଜନ୍ମିଥିଲେ । ପ୍ରତିଦିନ ପ୍ରାର୍ଥନା ପରେ ନିୟମିତ ସେ ବୋଲିଥା'ନ୍ତି—

ନମାମି ନିତ୍ୟଂ ତବ ପାଦଯୁଗ୍ମଂ
ଧ୍ୟାୟାମି ନିତ୍ୟଂ ତବ ପୂର୍ଣ୍ଣଂ ରୂପମ୍ ।
କରୋମି ନିତ୍ୟଂ କମଳେ ହି ପୂଜାଂ
ନାଥ ! ତ୍ୱଦୀୟ ଚରଣଂ ସ୍ମରାମି ।

ମୃତ୍ୟୁର କିଛିଦିନ ପୂର୍ବରୁ କୌଣସି ଜଣେ କମ୍ପାଉଣ୍ଡର douche ଦେବାର ବ୍ୟବସ୍ଥା କଲେ । ଚନ୍ଦ୍ରମୋହନ ଏହି କମ୍ପାଉଣ୍ଡରଙ୍କୁ douche ର ବନାନ୍ ପଚାରିଥିଲେ । ବନାନ୍ ସଠିକ ନ କହି ପାରିବାରୁ ଚିକିତ୍ସା ଲାଗି ତାଙ୍କୁ ବାରଣ କରିଦେଲେ । ଡାକ୍ତର ବିଜୟ ସେନଗୁପ୍ତଙ୍କର ଚିକିତ୍ସାଧୀନ ଥାଇ ଅତିସାର ରୋଗରେ ମୂଗଜନ୍ମା ଚନ୍ଦ୍ରମୋହନ ୧୯୨୯ ଅପ୍ରେଲ ୯ ତାରିଖରେ ପରଲୋକ ଗମନ କଲେ । ସେ ଅଉ ଗାଇବା ପାଇଁ ନାହାନ୍ତି—

Digitized by srujanika@gmail.com

ଭଲମତ ଅତି ସୃଷ୍ଟି ହେନି ସୀମା
ଯଦି ଦେଖନ୍ତ ସଂସାରେ
ଏ ସୀମା ସୃଷ୍ଟିକୁ ଦେଖିଲି ହେ ହରି
ସେ ସୀମାଟି କେଉଁଠାରେ ?

ଓଡ଼ିଆ ସାହିତ୍ୟର ସୁରକ୍ଷା ନିମିତ୍ତ ବିଭିନ୍ନ ରଜା ମହାରଜାଙ୍କ ଦରବାରରେ ସାହିତ୍ୟ ସଭା ଅନୁଷ୍ଠିତ ହେଉଥାଏ । ଏହିସବୁ ସଭରେ କବିବର ରାଧାନାଥ, ବ୍ୟାସକବି ଫକୀର ମୋହନ, ଗଙ୍ଗାଧର ମେହେର, ରଜା ବୈକୁଣ୍ଠ ନାଥ ଦେ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ରାଜା ସାର ବାସୁଦେବ ସୁଢ଼ଳ ଦେବଙ୍କ ସହିତ ଚନ୍ଦ୍ରମୋହନ ମହାରଣା ଯୋଗ ଦେଉଥିଲେ । ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ ଓ ଉତ୍କଳକବି ମଧୁସୂଦନ ରାଓଙ୍କଠାରୁ ଚନ୍ଦ୍ରମୋହନ କନିଷ୍ଠ । ଏହି ପୂର୍ବସୂରୀମାନଙ୍କ ପ୍ରଭାବ ତାଙ୍କ ଜୀବନ ତଥା ସାହିତ୍ୟକୁ ବହୁଳ ଭାବରେ ପ୍ରଭାବିତ କରିଥିଲା । ସେ ମରିଯାଇ ଅମର ।

●

ବିଶ୍ୱବିଚିତ୍ରା

ମୟୂରଭଞ୍ଜ ଜିଲ୍ଲାରେ ସୁନା ଖଣି

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ସୋରଡ଼ା ଯୋଶୀପୁର ଅଞ୍ଚଳରେ ସୁନାଖଣି ଅନୁସନ୍ଧାନ କାର୍ଯ୍ୟ ଆରମ୍ଭ ହୋଇଛି ।

ଓଡ଼ିଶା ସରକାରଙ୍କ ଠାରୁ ମିଳିଥିବା ରିପୋର୍ଟ ଅନୁଯାୟୀ କେନ୍ଦୁଝର ଜିଲ୍ଲାର ଗୋପୁର ଅଞ୍ଚଳରେ ସୁନା ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଛି । ମାତ୍ର ଏଠାରେ ଏକଟନ ଗୁଡ଼ାପଥରରୁ ପ୍ରାୟ ୪ଗ୍ରାମ୍ ପର୍ଯ୍ୟନ୍ତ ସୁନା ମିଳିବ ।

ଅନ୍ୟ ଏକ ରିପୋର୍ଟରେ ପ୍ରକାଶ କରାଯାଇଥିଲା ଯେ, ବିହାର, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ଉତ୍ତର ପ୍ରଦେଶ ଓ ହିମାଚଳ ପ୍ରଦେଶରୁ ସୁନା ମିଳିବାର ସନ୍ଧାନ ନିଆଯାଉଛି ।

ଉତ୍ତେଜକ ଔଷଧ ସେବନ କରି ପଦକ ହରାଇଲେ

ଉତ୍ତେଜକ ଔଷଧ ସେବନ ଅପରାଧରେ ସୁଇଡେନର ଗ୍ରେକୋ ରୋମାନ୍ ଦଳର ମଲ୍ଲ ଟମାସ୍ ଜୋହାନ୍ସନ୍‌ଙ୍କ ରୌପ୍ୟ ପଦକ କାଢ଼ିନିଆଯାଇ ତାଙ୍କୁ ବହିଷ୍କାର କରି ଦିଆଯାଇଛି । ସୁପର ହେଭି ୱେଟ୍ ବିଭାଗର ଏହି ପ୍ରତିଦ୍ୱନ୍ଦୀ ଜୋହାନ୍ସନ୍ ଆନାବଲିକ୍ ଷ୍ଟେରଏଡ ନାମକ ଔଷଧ ବ୍ୟବହାର କରିଥିଲେ । ତାଙ୍କର ଏହି ଅପକୀର୍ତ୍ତି ଯୋଗୁ ସେ ନିଜର କୃତିତ୍ୱ ହରାଇ ବସିଲେ । ଗତ ମେ ମାସରେ ନାକର ହାଡ଼ ଭାଙ୍ଗିବା ପାଇଁ ଜୋହାନ୍ସନ୍‌ଙ୍କୁ ଦଶଦିନ ମେଡ଼ିକାଲରେ ରହିବାକୁ ପଡ଼ିଥିଲା । ଏହି ସମୟରେ ତାଙ୍କର ଓଜନ ଦଶକିଲୋ କମିଯାଇଥିଲା । କମିଯାଇଥିବା ଓଜନକୁ ବୃଦ୍ଧି କରିବା ପାଇଁ ସେ ସେହି ଔଷଧ ଖାଉଥିଲେ । ଏହା ପୂର୍ବରୁ ମଧ୍ୟ ଆନ୍ତର୍ଜାତିକ ଭାରତ୍ତୋଳନ ସଂସ୍ଥା ଲେବାନନ୍‌ର ମାମୁଦ୍ ଓ ଆଲଜିରିଆର ଅମେଦଙ୍କୁ ନିଷିଦ୍ଧ ଔଷଧ ସେବନ ଅପରାଧରେ ଚିରଦିନ ପାଇଁ ଆନ୍ତର୍ଜାତିକ ଖେଳରୁ ବଂଚିତ କରିଛନ୍ତି ।

ମସ୍କୋରେ ଭାରତୀୟ ଚଳଚ୍ଚିତ୍ର

ଅଗଷ୍ଟ ମାସ ୨୩ ତାରିଖ ଦିନ ମସ୍କୋର ଭିଦେଙ୍ଖା ଯାତ୍ରା ପଡ଼ିଆଠାରେ ଭାରତୀୟ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଘାଟିତ ହୋଇଥିଲା ।

ଏହି ଭାରତୀୟ ଚଳଚ୍ଚିତ୍ର ଉଦ୍‌ଘାଟନ ପାଇଁ ଓମ୍‌ପୁରୀ ଓ ମଧୁ ଜୈନ ପ୍ରମୁଖ ମସ୍କୋ ଯାଇଥିଲେ । ଏଥିରେ ଭାରତର ୭ଟି ଚଳଚ୍ଚିତ୍ର ଉଦ୍‌ଘାଟନ ହୋଇଥିଲା ।

Digitized by srujanika@gmail.com

ସେ ଗୁଡ଼ିକ ହେଲା – ଅର୍ଦ୍ଧସତ୍ୟ (ହିନ୍ଦି) ସାଥୀ କୋକା ଚିଲୁକା (ତେଲଗୁ) ଜାନେ ଭି ଦୋ ୟାରୋ (ହିନ୍ଦି) ୟେନ୍ ଦି ମାମା ଶୁକ୍ରୁଟିୟା ମୋୟୁକୁ (ମାଲୟାଲମ୍) ଓ ଚୌରଙ୍ଗିଲେନ୍ (ଇଂରାଜୀ) ।

ଚକଲାଗ ସ୍କେଟିଂ ଟ୍ରେନ

ଜାପାନରେ ଏକପ୍ରକାର ଚକ ନଥିବା ଟ୍ରେନ୍ ନିର୍ମାଣ କରାଯାଉଛି । ଏହା ବରଫ ସାହାଯ୍ୟରେ ରେଳଧାରଣା ଉପରେ ଚାଲିପାରିବ । ସ୍କେଟିଂ ଟ୍ରେନ୍ ବୋଲି କୁହାଯାଉଥିବା ଏହି ଯାନଟିର ଲମ୍ବ ସାଢ଼େ ଦୁଇମିଟର, ଓସାର ୧ ମିଟର ଓ ଉଚ୍ଚତା ୧ ମିଟର ୪୦ ସେଣ୍ଟିମିଟର । ଏହାକୁ ତିଆରି କରିବା ପାଇଁ ଦୀର୍ଘ ସାତ ବର୍ଷ ସମୟ ଲାଗିଛି ବୋଲି ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଥିଲା ।

ଧନିଶାଳୀ ପୁଞ୍ଜିପତିଙ୍କ ସହ ୨୨ କୋଟି ସାଧାରଣ ଲୋକ ସମାନ

ଆମେରିକାର ୪୦୦ ଜଣ ପୁଞ୍ଜିପତି ଅଛନ୍ତି । ସେହିମାନଙ୍କର ସଞ୍ଚିତ ଟଙ୍କାର ପରିମାଣ ଅବଶିଷ୍ଟ ପ୍ରାୟ ୬୨ କୋଟି ଆମେରିକୀୟମାନଙ୍କର ଜମାଟଙ୍କା ସହ ସମାନ ବୋଲି ଜଣାପାଇଛି ।

ଏହି ୪ ଶହ ଜଣ ପୁଞ୍ଜିପତି ପ୍ରାୟ ୧୩୨୫୦୦ କୋଟି ଟଙ୍କା ଜମା ରଖିଥିବା ବେଳେ ଅବଶିଷ୍ଟ ଆମେରିକାବାସୀଙ୍କର ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କରେ ସଞ୍ଚୟ ଏକାଉଣ୍ଟରେ ଜମାଥିବା ଟଙ୍କାର ମୋଟ ପରିମାଣ ହେଉଛି ୧୩୮୬୦୦୦ କୋଟି ଟଙ୍କା ।

ଏହି ଧନିଶାଳୀ ପୁଞ୍ଜିପତିଙ୍କ ମଧ୍ୟରୁ ସବୁଠାରୁ ଧନଶାଳୀ ବ୍ୟକ୍ତି ଶ୍ରୀ ଗର୍ଡନ ଗେଟାଙ୍କର ସଂଚିତ ଟଙ୍କାର ପରିମାଣ ୪୫୧୦ କୋଟି ଟଙ୍କା ।

ଏକକ ଅଭିନୟରେ ବିଶ୍ୱ ରେକର୍ଡ

ସର୍ବାଧିକ ଥର ଏକକ ଅଭିନୟ ଲାଗି ହାଇଦ୍ରାବାଦର ଶ୍ରୀ ବାବନ ଖାଁ ନାମକ ଜଣେ ବ୍ୟକ୍ତିଙ୍କ ନାମ ବିଶ୍ୱ ରେକର୍ଡ ପୁସ୍ତକ 'ଗିନେସ୍ ବୁକ୍'ରେ ସ୍ଥାନ ପାଇଛି । ୫୦ ବର୍ଷ ବୟସ୍କ ବାବନ ଖାଁ । ଗତ ୧୮ ବର୍ଷ ମଧ୍ୟରେ ତାଙ୍କର ଅଢ଼େଇ ଘଣ୍ଟିଆ ନାଟକ 'ଆଦ୍ରାକ୍ କେ ଫଞ୍ଜି' ରେ ୫୧୬୯ଥର ଅଭିନୟ କରିଛନ୍ତି । ଭାରତ ଓ ବହୁ ବିଦେଶୀ ରାଷ୍ଟ୍ରର ୬୪ଟି ସହରରେ ଏପର୍ଯ୍ୟନ୍ତ ତାଙ୍କର ଏକକ ଅଭିନୟ ପ୍ରଦର୍ଶନ କଲେଣି ।

ମାଲେସିଆରେ ଡିସ୍କୋନୃତ୍ୟ ନିଷିଦ୍ଧ

ମାଲେସିଆରେ ସ୍କୁଲମାନଙ୍କରେ ଡିସ୍କୋ ନାଚ; ଅତେବାଳେ ସଂଗୀତ ଏବଂ ପାଶ୍ଚାତ୍ୟ ଚାଲିଚଳଣକୁ ନିଷିଦ୍ଧ ଘୋଷଣା କରାଯାଇଛି । ଏହି ନାଚ ଓ ପାଶ୍ଚାତ୍ୟ ଚରିତ୍ର

Digitized by srujanika@gmail.com

ଧାରଣ କରିବାରେ କିଛି ଲାଭ ନାହିଁ ବୋଲି ଦର୍ଶାଇ ମାଲେସିଆ ସ୍କୁଲ ନିର୍ଦ୍ଦେଶାଳୟ ସମସ୍ତ ସ୍କୁଲର ପ୍ରିନସିପାଲଙ୍କ ପାଖକୁ ନିଷେଧାଦେଶ ସମ୍ପର୍କରେ ଜଣାଇ ଦେଇଛନ୍ତି । ଏତଦ୍ବ୍ୟତୀତ ସ୍କୁଲମାନଙ୍କରେ ପାଶ୍ଚାତ୍ୟ ସଂସ୍କୃତି ବିଷୟରେ ଶିକ୍ଷାଦାନ ବିଷୟକୁ ମଧ୍ୟ ନିଷିଦ୍ଧ କରାଯାଇଛି ।

ବୃଷ୍ଟି ପାଇଁ ନୂତନ ଧରଣର ପୂଜା

ଯେତେବେଳେ ଅନାବୃଷ୍ଟି ପଡ଼େ ବା ବର୍ଷା ଅଭାବରୁ ମରୁଡ଼ି ହୁଏ ତେବେ ଲୋକମାନେ କଣ କରିପାରିବେ ? ଭାରତୀୟମାନେ ସାଧାରଣତଃ ଯେକୌଣସି କ୍ଷେତ୍ରରେ ସିଦ୍ଧି ଲାଭ କରିବା ପାଇଁ ପୂଜା ଅର୍ଚ୍ଚନା କରିଥାନ୍ତି । ସଂପ୍ରତି ବରୁଣ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ କର୍ଣ୍ଣାଟକର ହୋଲଙ୍ଗୁନି ଗ୍ରାମରେ ଏକ ଭିନ୍ନ ଧରଣର ପୂଜା ଆୟୋଜନ କରାଯାଇଥିଲା । ଦଶଜଣ ଅବିବାହିତା ଉଲଗ୍ନ ହୋଇ ରାତିର ଶେଷ ପ୍ରହରରେ ଗ୍ରାମ ମନ୍ଦିରକୁ ଯାଇ ବରୁଣଙ୍କୁ ଉପାସନା କରିଥିଲେ ।

କ୍ରୋଧ ବୃଦ୍ଧ ଚଣ୍ଡାଳ

ମଣିଷ ରାଗିଲେ କ'ଣ ନକରେ । ରାଗ ପାଇଁ ମଣିଷର ଅମୂଲ୍ୟ ଜୀବନ ମଧ୍ୟ ନଷ୍ଟ ହୋଇଯାଏ । ଏହିପରି ଏକ ଘଟଣା ମଧ୍ୟପ୍ରଦେଶର ସାଗର ଜିଲ୍ଲାରେ ଘଟିଛି । ଖାଇବା ଜିନିଷରୁ ସାମାନ୍ୟ ଗୋଟିଏ ବାଳ ବାହାରିବାରୁ ଶିବଦତ୍ତ ନାମକ ଜଣେ ଲୋକ ତା'ର ଗର୍ଭବତୀ ସ୍ତ୍ରୀ ମାୟାବତୀଙ୍କୁ ତଣ୍ଟି ଚିପି ମାରିଦେଇଛି । ପୁଲିସ ଯେତେବେଳେ ତାକୁ ଗିରଫ କଲେ, ସେ କହିଲା ଯେ, ତା'ର ସ୍ତ୍ରୀ ଅତ୍ୟଧିକ ପେଟ ଯନ୍ତ୍ରଣାରୁ ମରିଗଲା ।

ବ୍ରିଟେନର ରାଜା ପ୍ରତିବର୍ଷ ଭିକାରୀ'ର ପାଦ ଧୁଅନ୍ତି

ବ୍ରିଟେନ ରାଜା ଖାଲି ପାଦରେ ଚାଲିବାକୁ ମନା, ଅଥଚ ସେହି ରାଜା ପ୍ରତିବର୍ଷ ରାଜ୍ୟର କେତେକ ଗରିବଙ୍କ ପାଦଧୋଇ ବସିବାକୁ ସ୍ଥାନଦେଇ ସବୁଠାରୁ ଉତ୍ତମ ଏବଂ ସୁମିଷ୍ଟ ଖାଦ୍ୟ ଖାଇବାକୁ ଦିଅନ୍ତି । ୱେଷ୍ଟମିନିଷ୍ଟର ଆବେ ଠାରେ, ପ୍ରତିବର୍ଷ "ଗୁଡ ଫ୍ରାଇଡେ" ପୂର୍ବଦିନ ରାଜା ଏହିପରି ଗରିବଙ୍କୁ ପଇସା ଦିଅନ୍ତି ଏବଂ ମାଂସ, ପନିର, ମିଠା ଇତ୍ୟାଦି ଖାଇବାକୁ ଦିଅନ୍ତି । ଏହି ଗୁରୁବାର ଦିନ ନିଜେ ଯୀଶୁ ତାଙ୍କ ଶିଷ୍ୟମାନଙ୍କ ପାଦ ଧୋଇଥିଲେ ଏବଂ ତା' ପରଦିନ ତାଙ୍କୁ କ୍ରୁଶ ବିଦ୍ଧ କରାଗଲା । ତେଣୁ ସେହି ଗୋଡଧୋଇବା ସ୍ମୃତିକୁ ମନେରଖି ରାଜା ପ୍ରତି ଗୁରୁବାର ଦିନ ଗରିବଙ୍କ ପାଦ ଧୁଅନ୍ତି । ଏହି ଗୁରୁବାରକୁ "ମଣ୍ଡିଥସଡେ" ଏବଂ ପଇସା ଦେବାକୁ "ମଣ୍ଡିମନି" କୁହାଯାଏ । ଏହି ଗୋଡ ଧୋଇବା ପ୍ରଥା ରାଜା ନିଜେ ୧୬୮୮ ଯାଏ କରିଥିଲେ । ୧୭୫୪ ଯାଏ ରାଜାଙ୍କ ତରଫରୁ ତାଙ୍କ ପ୍ରତିନିଧି ଗୋଡ ଧୋଉଥିଲେ । ଏହି ପ୍ରତିନିଧି ଗୋଡ ଧୋଇବା ପ୍ରଥା ପ୍ରଥମ ଏଲିଜାବେଥଙ୍କ ଠାରୁ ଆରମ୍ଭ ହୋଇଥିଲା ।

Digitized by srujanika@gmail.com

ପରବର୍ତ୍ତୀ ସମୟରେ ଏହି ପ୍ରଥା ବନ୍ଦହୋଇ କେବଳ "ମଣ୍ଡିମନି" ବିତରଣ କରାଗଲା । ଏଗୁଡ଼ିକ ମୁଦ୍ରାଗୁଡ଼ିକରେ ସ୍ୱତନ୍ତ୍ର ଭାବେ ନିର୍ମିତ । ରାଣୀ ବା ରାଜାଙ୍କ ରାଜତ୍ୱ ଯେତେକିବର୍ଷ, ସେତିକି ସେଟ "ମଣ୍ଡିମନି" ତିଆରି ହୁଏ । ରାଜା ବା ରାଣୀ ତାହାକୁ ବୁଢ଼ାବୁଢ଼ୀ ଗରିବଙ୍କ ମଧ୍ୟରେ ବିତରଣ କରନ୍ତି ।

ସବୁଠାରୁ ବ୍ୟୟବହୁଳ ଚଳଚ୍ଚିତ୍ର

ଓ୍ୱାସିଂଟନର "ଭେଦ ରନ୍ଧେନ ବେରୀ ଷ୍ଟାରଟେକ୍" ନାମକ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଏହି ଚଳଚ୍ଚିତ୍ରଟି ୧୯୭୯ ମସିହାରେ ନିର୍ମିତ ହୋଇଥିଲା । ଏଥିରେ ୪୬ ମିଲିୟନ୍ ଡଲାର ବା ଭାରତୀୟ ମୁଦ୍ରାରେ ପ୍ରାୟ ୫୨ କୋଟି ଟଙ୍କା ଖର୍ଚ୍ଚ ହୋଇ-ଥିଲା ।

ଲଣ୍ଠନ ମାଛ

ଏହି ପ୍ରକାର ମାଛ ସାଧାରଣତଃ ସମୁଦ୍ରର ଗଭୀର ଅଂଶରେ ରହନ୍ତି । ସମୁଦ୍ରର ଗଭୀର ଅଂଶ ଅତ୍ୟଧିକ ଥଣ୍ଡା ଓ ଅନ୍ଧାର । ସୂର୍ଯ୍ୟକିରଣ ସମୁଦ୍ର ତଳ ପର୍ଯ୍ୟନ୍ତ ଯାଇପାରେ ନାହିଁ । ଏହି ମାଛର ଦେହରେ ଥିବା କେତେକ ଉଜ୍ଜ୍ୱଳ ଦାଗରୁ ଆଲୋକ ବାହାରିଥାଏ । ଏହି ଦାଗଗୁଡ଼ିକରେ ଫସଫରସ ଅଂଶଥିବାରୁ ଏପରି ହୋଇଥାଏ । ଏହି ଦୀପ ଦପ ହେଉଥିବା ଆଲୋକ ଦ୍ୱାରା ସେ ନିଜର ଭ୍ରମଣକାରୀ ଠାରୁ ନିରାପଦରେ ରହିପାରେ । କେତେକ ମାଛଙ୍କର ପେଟତଳେ ଏହିପରି ଦାଗଥାଏ । ଅନ୍ୟ କେତେକଙ୍କର ପେଟରେ ଦିକେ ଉପରକୁ, ଲାଞ୍ଜଠାରୁ ମୁଣ୍ଡ ପର୍ଯ୍ୟନ୍ତ ଏହା ଥାଏ । ରେଳଗାଡ଼ିର ଆଗରେ ବଲ୍ବ ପରି ଏହି ମାଛର ମୁଣ୍ଡ ପାଖରେ ଏକ ବଡ଼ ଉଜ୍ଜ୍ୱଳ ଦାଗ ଥାଏ ।

ଲଣ୍ଠନ ମାଛର ଆଖି ଅନ୍ୟସବୁ ମାଛମାନଙ୍କ ଆଖି ଠାରୁ ବଡ଼ । ଏହାର ଲାଞ୍ଜ ପାଖରେ ଏକ ଛୋଟ ଡେଣା ଥିବାରୁ ଜଣାପଡ଼େ ଯେ ଏମାନେ 'ସାଲମୋନ' ମାଛର ବଂଶଧର । ଏହି ମାଛର ଲମ୍ବ ପାଂଚରୁ ଦଶ ସେ.ମି ପର୍ଯ୍ୟନ୍ତ ହୋଇଥାଏ । ଓଠାରିଆ ପାଟିରେ ଥିବା ଦାନ୍ତଗୁଡ଼ିକ ଛୁରୀପରି ଧାର । ସେ ସମୁଦ୍ର ମଧ୍ୟରେ ଥିବା ଛୋଟ ଛୋଟ ଜଳଜୀବମାନଙ୍କୁ ଖାଏ ।

କେତେକ ଲଣ୍ଠନ ମାଛ ରାତିରେ ସୂର୍ଯ୍ୟ କିରଣ ନଥିବା ଯୋଗୁଁ ପାଣି ଉପରକୁ ଆସନ୍ତି । ସୂର୍ଯ୍ୟ ଉଇଁବା ପୂର୍ବରୁ ଏମାନେ ପୁଣି ଗଭୀର ଜଳକୁ ଫେରି ଯାଆନ୍ତି । କାରଣ ସୂର୍ଯ୍ୟାଲୋକ ଏମାନଙ୍କର ଶତ୍ରୁ ।

ରୋଗୀ ଅଭାବରୁ ଡାକ୍ତରଖାନା ବନ୍ଦ

ଏହା ଆପଣ ବିଶ୍ୱାସ କରି ନ ପାରନ୍ତି, ମାତ୍ର ଏହା ସଂପୂର୍ଣ୍ଣ ସତ୍ୟ । ବମ୍ବେ ମ୍ୟୁନସିପାଲ କର୍ପୋରେସନ ତରଫରୁ ୫୦ ଲକ୍ଷ ଟଙ୍କାରେ ନିର୍ମିତ ୪୫ଟି ଶଯ୍ୟାବିଶିଷ୍ଟ ପ୍ରସୂତି

Digitized by srujanika@gmail.com

ଡାକ୍ତରଖାନାଟି ଚଳିତ ବର୍ଷ ଏପ୍ରିଲ ମାସରେ ବନ୍ଦ କରିଦିଆଯିବ ବୋଲି ସ୍ଥିର କରାଯାଇଛି । ଏହାର କାରଣ ସ୍ୱରୂପ ଦର୍ଶାଯାଇଛି ଯେ, ପର୍ଯ୍ୟାପ୍ତ ପରିମାଣରେ ରୋଗୀ ନ ମିଳିବାରୁ ଏହି ଡାକ୍ତରଖାନାଟିକୁ ସାମୟିକ ଭାବରେ ବନ୍ଦ କରିଦିଆଯାଇଛି । ଯଦି ଭବିଷ୍ୟତରେ କେବେ ଦରକାର ପଡ଼ିବ, ତେବେ ତୁରନ୍ତ ଖୋଲା ଯାଇପାରିବ ।

ଗାଡ଼ି ଆରୋହଣ ଲୋକଙ୍କୁ ଚଢ଼ାଏ

କାନାଡ଼ାର ଏକ କମ୍ପାନୀ ଗୋଟିଏ ପ୍ରକାର ନୂଆ ବସ୍ତ୍ର ପ୍ରସ୍ତୁତ କରିଛନ୍ତି । ଚାଲି ନ ପାରୁଥିବା ଲୋକ, ଯେଉଁମାନେ କି ଚକଲଗା ଚୌକି ବ୍ୟବହାର କରନ୍ତି, ସେମାନେ ଚଢ଼ିବା ପାଇଁ ଏହି ବସ୍ତ୍ରଟି ଆବଶ୍ୟକ ପଡ଼େ ।

ଏହି ପ୍ରକାର ବସ୍ତ୍ର ଫ୍ରେମ ଏବଂ ଆକ୍ରିଲ ମଝିରେ କେତେଗୁଡ଼ିଏ ବାୟୁ ପୂର୍ଣ୍ଣ ଥଳି ଖଞ୍ଜାଯାଇ ଏକପ୍ରକାର ଫ୍ଲୋଟିଂ ବ୍ୟବସ୍ଥା କରାଯାଇଛି । ବସ୍ତ୍ର ରହିବା ଜାଗାରେ ଚାଳକ ଗୋଟିଏ ନିର୍ଦ୍ଦିଷ୍ଟ ବଟମ୍ ଟିପିଦିଏ । ଫଳରେ ଥଳୀ ଗୁଡ଼ିକ ବାୟୁ ଶୂନ୍ୟ ହୋଇଯାଏ ଏବଂ ବସ୍ତ୍ରଟି ତଳ ଆଡ଼କୁ ସଙ୍କୁଚିତ ହୋଇଯାଏ ।

ଯେତେବେଳେ ଚକଲଗା ଚୌକି ବ୍ୟବହାର କରୁଥିବା ଯାତ୍ରୀମାନେ ବସ୍ତ୍ର ଭିତରକୁ ଚଢ଼ିଯାଆନ୍ତି, ଥଳିଗୁଡ଼ିକର ପୁନର୍ବାର ବାୟୁ ଭର୍ତ୍ତି ହୋଇଯାଏ ଏବଂ ବସ୍ତ୍ରଟିର ସ୍ୱାଭାବିକ ଉଚ୍ଚତା ହୋଇଯାଏ । ତା'ପରେ ବସ୍ତ୍ରଟି ସ୍ୱାଭାବିକ ଭାବେ ଯାଇପାରେ ।

ରକ୍ତର ବିକଳ୍ପ

ବେଲଗ୍ରେଡ ଠାରେ ଅନୁଷ୍ଠିତ ଭଣ୍ଡର ନେସନାଲ ବାୟୋ ଫିଜିକ୍ସ ସିମ୍ପୋଜିୟମ ଠାରେ ଏକ ଆଲୋଚନା ଚକ୍ରରେ ଦାବୀ କରାଯାଇଛି ଯେ, ଫ୍ଲୁଓର କାର୍ବନ ଫ୍ଲୁଇଡସକୁ ମାନବ ଶରୀରରେ ରକ୍ତର ବିକଳ୍ପ ହିସାବରେ କାର୍ଯ୍ୟକାରୀ କରାଯାଇ ପାରେ । ଏହା ଭିତର ଦେଇ ଅକ୍ସିଜେନ ପ୍ରବାହିତ ହେଉଥିବାରୁ ଏ ବିଷୟ ସ୍ଥିର କରାଯାଇଛି । ଜେନିଭା ବିଶ୍ୱ ବିଦ୍ୟାଳୟର ଗିୟାନନୀ ମଟଟା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ରବର୍ଟ ଗେୟର ପୂର୍ବ ଜର୍ମାନୀ ଏକାଡେମୀ ଅଫ ସାଇନସର ହ୍ୟାଲ ମେଲିଭାରଟ ଏହି ତିନିଜଣ ଅଧ୍ୟାପକ ଏକାଠି ରହି ଦାବୀ ଜଣାଇଛନ୍ତି ।

ବିବାହ ପ୍ରତିବନ୍ଧକ

ଆମେରିକାର ଉପଦେଷ୍ଟାମାନେ ସଂପ୍ରତି ଯୋଠାଜାର ଝିଅମାନଙ୍କ ଉଦ୍ଦେଶ୍ୟରେ ଏକ ଚେତାବନୀ ଶୁଣାଇଛନ୍ତି ଯେ, ଝିଅମାନେ ଯଦି ୨୫ ବର୍ଷ ଭିତରେ ବିବାହ ନକରନ୍ତି ତେବେ ଖୁବ୍ ଅସୁବିଧାରେ ପଡ଼ିବେ । ଏହାର କାରଣ ହେଉଛି ୨୦ରୁ ୨୫ ବର୍ଷ ବୟସ୍କା ୧୦୦ ଜଣ ଝିଅଙ୍କ ପାଇଁ ୧୨୬ ଜଣ ଉପଯୁକ୍ତ ପାତ୍ର ମିଳିପାରିବ । ଝିଅ ମାନଙ୍କର ୨୫ ବର୍ଷ ହୋଇଗଲେ ଏହି ଅବନତି ହୁଏ । ୪୦ ବର୍ଷପରେ ବିବାହ କରିବା ପାଇଁ ଇଚ୍ଛୁକ

Digitized by srujanika@gmail.com

ମହିଳାମାନଙ୍କୁ ବିବାହ ପାଇଁ ଏକ କଠିନ ପରୀକ୍ଷା ଦେବାକୁ ପଡେ । କାରଣ ୪୦ରୁ ୫୯ ବୟସର ପ୍ରତି ୧୨ ଜଣ ମହିଳାଙ୍କ ପାଇଁ ମାତ୍ର ୩ଜଣ ଉପଯୁକ୍ତ ପାତ୍ର ମିଳେ । ବେଶୀ ବୟସର ସ୍ତ୍ରୀମାନଙ୍କ ପାଇଁ ବେଶୀ ଅସୁବିଧାରେ ପକାଇଛନ୍ତି ସେଠାକାର ବୟସ୍କ ପୁରୁଷମାନେ । ଏମାନେ ପ୍ରାୟ ସମସ୍ତେ କମ୍ ବୟସରେ ସ୍ତ୍ରୀମାନଙ୍କୁ ବିବାହ କରିବା ପାଇଁ ଇଚ୍ଛୁକ । ଏପରିକି ୭୦ ବର୍ଷର ପୁରୁଷମାନେ ୪୦ରୁ ଅଧିକ ବର୍ଷ ମହିଳାଙ୍କୁ ବିବାହ କରିବାକୁ ନାରାଜ ।

ଜନ୍ମ ନିୟନ୍ତ୍ରଣ ପାଇଁ ଲତା

କାମ୍ପୁର-ରିଜିଓନାଲ ରିସର୍ଚ୍ଚ ଲାବୋରେଟୋରୀର ବୈଜ୍ଞାନିକମାନେ ବିଦାରୀ କାଣ୍ଡ (poereria toberosa) ନାମକ ଏକ ଲତା ଗଛର ମୂଳକୁ ପରୀକ୍ଷା କରି ଏକ ନୂତନ ତଥ୍ୟରେ ଉପନୀତ ହୋଇ ପାରିଛନ୍ତି ।

ଉଦ୍‌ଭିଦଟି ଭାରତର ପ୍ରାୟ ଅଧିକାଂଶ ପାର୍ବତ୍ୟ ଅଞ୍ଚଳରେ ଦେଖାଯାଏ । ଆୟୁର୍ବେଦରେ ଏହି ମୂଳର ଗୁଣାଗୁଣ ସମ୍ପର୍କରେ ବହୁତଥ୍ୟ ରହିଛି । ଆଦିବାସୀମାନେ ଏହି ବନଜ ମୂଳକୁ ଖାଦ୍ୟ ହିସାବରେ ଗ୍ରହଣକରି ବହୁ ଉପକାର ଲାଭକରିଥାନ୍ତି; ଯୌବନକୁ ଧରି ରଖିବା, ମହିଳାମାନଙ୍କର କ୍ଷୀର ବୃଦ୍ଧି କରିବା, ଶରୀରକୁ ସୁଗମ, ସୁନ୍ଦର କରିବା ସଙ୍ଗେ ସଙ୍ଗେ ରକ୍ତ ପରିଷ୍କାର ଓ ପରିସ୍ରା ଠିକ୍ ରଖିବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହାର ଏକ ବଡ଼ ବିଶେଷତ୍ୱ ହେଉଛି ଜନ୍ମ ନିୟନ୍ତ୍ରଣ ଓ ଦୀର୍ଘତର ଆୟୁ । ବହୁଦିନଧରି ଏହା କେବଳ ଆଦିବାସୀମାନଙ୍କ ମଧ୍ୟରେ ସୀମାବଦ୍ଧ ଥିଲା ।

ଥରେ ଜମ୍ମୁ ଓ କାଶ୍ମୀରର ସ୍ୱାସ୍ଥ୍ୟ ବିଭାଗର ଶଲ୍ୟ ଚିକିତ୍ସକ ଡଃ କେ ସି· ଶର୍ମା ପାର୍ବତ୍ୟ ଅଞ୍ଚଳରେ ଜଣେ ଆଦିବାସୀ ମହିଳାଙ୍କୁ ଦେଖି ଚମକି ପଡ଼ିଥିଲେ । ୭୦ ବର୍ଷ ବୟସ ଅଥଚ ତାଙ୍କର ଯୌବନ ଯେମିତି ଅଟକି ରହିଛି । ଦେହରେ, ମୁହଁରେ କୌଣସି ଭାଙ୍ଗ ପଡ଼ନାହିଁ; ଅତୁଟ ସୁନ୍ଦର ସ୍ୱାସ୍ଥ୍ୟ । ଡଃ ଶର୍ମା ଜାଣିବାକୁ ପାଇଲେ ଯେ, ଏହା ବିଦାରୀ କାଣ୍ଡର ମୂଳ ଖାଇବା ଯୋଗୁଁ ସମ୍ଭବ ହୋଇଛି । ସବୁଠୁ ବଡ଼କଥା ତାଙ୍କର ଗର୍ଭ ସଂଖ୍ୟା ମଧ୍ୟ ସୀମିତ କରିଛି । ଏହାପରେ ବହୁ ଆଦିବାସୀ ମହିଳାଙ୍କ ସହିତ ସାକ୍ଷାତ କରି ଏହାର ଜ୍ୱଳନ୍ତ ଉଦାହରଣ ସେ ପାଇପାରିଲେ ।

ବ୍ୟସ୍ତ ଚିକିତ୍ସକ

ସୁଇଡେନର ଚିକିତ୍ସକମାନେ ବୋଧହୁଏ ସବୁଠାରୁ ବ୍ୟସ୍ତ । ସେମାନଙ୍କର ଏହି ବ୍ୟସ୍ତତା ପାଇଁ ଲୋକମାନେ ଖୁବ ବିପଦରେ ପଡନ୍ତି । ଗତବର୍ଷ ପୂର୍ବରୁ ଜଣେ ଭଦ୍ରମହିଳା ଦାନ୍ତ ଡାକ୍ତରଙ୍କ ପାଖକୁ ଗଲେ । କିନ୍ତୁ ଡାକ୍ତର କହିଲେ ୬ବର୍ଷ ପରେ ଦେଖାକରିବାକୁ । ବିଚରା ଭଦ୍ରମହିଳା ବିକଳ ହୋଇ ଖବର କାଗଜରେ ବିଜ୍ଞାପନ ଦେଲେ, କେହି ଯଦି ତାଙ୍କ ଦାନ୍ତକୁ ଖବୁ ଶୀଘ୍ର ଭଲ

Digitized by srujanika@gmail.com

କରିଦେବ ତେବେ ସେ ଏଗାର ଶହ ଡଲାର ପୁରସ୍କାର ଦେବେ । ଏହି ଭଦ୍ରମହିଳା ଜଣକ ଜଣେ ସହୃଦୟ ଡାକ୍ତରଙ୍କ ଠାରୁ ବର୍ଷକ ପରେ ଚେକ ପାଇଥିଲେ ।

ସୌର ଶକ୍ତି ବିମାନ

ଆମେରିକାର 'ଲକହିଡ' କମ୍ପାନୀ ସଂପ୍ରତି ଏକ ଅସାଧାରଣ ବିମାନ ପ୍ରସ୍ତୁତ କରିଛନ୍ତି । ଏହା ଏକ ଚାଳକହୀନ ବିମାନ ଓ ଏହା ସୌର ଶକ୍ତିର ଚାଳେଣିରେ ଚାଳିତ । ଏହା ଥରେ ଉଡ଼ିବାକୁ ଆରମ୍ଭ କଲେ କ୍ରମାଗତ ଏକବର୍ଷ ନ ଓହ୍ଲାଇ ଉଡ଼ ପାରିବ । ଏହି ବିମାନକୁ ମଧ୍ୟ ବିଭିନ୍ନ ସ୍ତରରେ ବ୍ୟବହାର କରାଯାଇ ପାରିବ । କୃଷି ଓ ସାମରିକ କ୍ଷେତ୍ରରେ ଏହାକୁ ମଧ୍ୟ ବ୍ୟବହାର କରାଯିବ । ଉପଗ୍ରହ ଯେଉଁସବୁ କାର୍ଯ୍ୟ କରିପାରେ ଏହି ବିମାନ ମଧ୍ୟ ସେହିପରି କାର୍ଯ୍ୟକରିବାକୁ ସକ୍ଷମ ହେବ । 'ଲକହିଡ' କମ୍ପାନୀ ସୂତ୍ରରୁ ପ୍ରକାଶ ଯେ, ଏହି ବିମାନ ତିଆରି ପାଇଁ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ବିଶ୍ୱର ବିଚିତ୍ର ଚୋରି

ଅନେକ ଦେଶରେ ଏଭଳି ନିୟମ ଅଛି ଯେ, ଚୋରି ଜିନିଷ ଅଦାଲତରେ ପେଶ କରାଯାଏ । ଏକ ଚୋରି ଘଟଣାରେ ଫ୍ରାନସର ଏକ ଅଦାଲତରେ ଚୋରି ଜିନିଷ ପେଶ କରାଗଲା ବେଳେ ଦେଖାଗଲା ଯେ, ଚୋରି ଜିନିଷ ରଖିବାକୁ ସେଠାରେ ଆଉ ଜାଗା ନାହିଁ । କଥା ହେଉଛି, ଚୋର ଗୋଟିଏ ତିନି ବଖରା ଥିବା ଘରହିଁ ଚୋରି କରିଥିଲା ।

ଆୟାରଲାଣ୍ଡରେ ରେଳଧାରଣା ଗୁଡ଼ିକ କ୍ରମାଗତ ସ୍ତରରେ ଚୋରି ହୋଇଯିବାରୁ ସେଠାର ରେଳବାଇ କର୍ତ୍ତୃପକ୍ଷ ରେଳଲାଇନ ତଳେ ଗୋଟିଏ ଲେଖାଏଁ ସିଗ୍ନାଲବାକ୍ସ ଲଗାଇଥିଲେ, ଯେତେବେଳେ ଚୋର ରେଳଲାଇନରୁ କୁହା ଚୋରି କରିବା ପାଇଁ ପେଚ ଖୋଲିବ ବା କୁହାକୁ କାଟିବ; ସେତେବେଳେ ଏହି ସିଗ୍ନାଲଟି ବାଜି ଉଠିବ ।

ମାସିକ ବେତନ କେତୋଟି ପଇସା

ଏହାକୁ ହୁଏତ ତୁମେମାନେ ବିଶ୍ୱାସ କରିନପାର ; ତଥାପି ଏହା ସଂପୂର୍ଣ୍ଣ ସତ୍ୟ । ଆଜିର ଏହି ଚେତ ଯୁଗରେ ଏଭଳି କେତେକ ଲୋକ ଅଛନ୍ତି, ଯେଉଁ ମାନଙ୍କର ମାସିକ ବେତନ ହେଉଛି ସାମାନ୍ୟ କେତୋଟି ପଇସା । ମଧ୍ୟ ପ୍ରଦେଶର ଖୋଜୁରା ହୋରାହାରେ ନିର୍ମିତ ବିଖ୍ୟାତ କାନ୍ଦ୍ରୁଆ ପାର ମନ୍ଦିରର ପୂଜାରୀର ଦରମା ମାସିକ ମାତ୍ର କେତୋଟି ପଇସା ।

ଏହି ପ୍ରଥା ଅତୀତରୁ ଚଳିଆସିଛି ଯେ, ପୂଜାରୀ ମାସିକ ବେତନ ପାଇବ ମାତ୍ର ଦୁଇଅଣା । ଏବେ ଏହି ବେତନର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟପ୍ରଦେଶ ସରକାର ହାତକୁ ନେଇଥିଲେ ମଧ୍ୟ, ଏହାର ପୂଜାରୀମାନଙ୍କର ଦରମାରେ କୌଣସି ପରିବର୍ତ୍ତନ

Digitized by srujanika@gmail.com

ହୋଇନାହିଁ । ସେମାନେ ପୂର୍ବଭଳି ମାସିକ ଦୁଇଅଣା ଦରମା ପାଉଛନ୍ତି । ଏହି ମନ୍ଦିରରେ ଏହିଭଳି ପ୍ରାୟ ୧୫ ଜଣ ପୂଜାରୀ ଅଛନ୍ତି ।

ରୁଷ ଓ ଆମେରିକାର ପ୍ରତିରକ୍ଷା ବ୍ୟୟ

୧୯୮୫ ମସିହା ପାଇଁ ସୋଭିଏତ ୟୁନିୟନ୍ ୧୯.୧୨୩ ବିଲିୟନ (ଶତକୋଟି) ରୁବଲ ପ୍ରତିରକ୍ଷା ବ୍ୟୟ କରିବ । ତାହା ଆମେରିକାନ୍ ଡଲାର ହିସାବରେ ୨୨ ଦଶମିକ ୧୨ ଶତ କୋଟି ମୁଦ୍ରା ହେବ ।

ସୋଭିଏତ ଅର୍ଥ ମନ୍ତ୍ରୀ ଗ୍ରୀଉସିଲି ଗାର୍ବୁଜୋଭ ରୁଷର ଶୀର୍ଷ "ସୁପ୍ରିମ ସୋଭିଏତରେ ବାର୍ଷିକ ବଜେଟ ଉପସ୍ଥାପନ କରିଛନ୍ତି । ସେହି ବଜେଟରୁ ଏହି ପ୍ରତିରକ୍ଷା ବ୍ୟୟ ବାବଦ ବିଷୟ ଜଣାପଡ଼ିଛି ।

ଆସନ୍ତା ବର୍ଷ (୧୯୮୫) ସକାଶେ ସୋଭିଏତ ୟୁନିୟନ କରୁଥିବା ରାଷ୍ଟ୍ରୀୟ ବ୍ୟୟ ମୋଟ ୮୩୯୧ ଦଶମିକ ୩ଶତ କୋଟି ରୁବଲ । ତାହାର ମାତ୍ର ୪ ଦଶମିକ ୯ ଶତାଂଶ ଅର୍ଥାତ ଶତକଡ଼ା ୫ ଭାଗରୁ ଅଳ୍ପାଂଶ କମ ଭାଗ ଏହି ପ୍ରତିରକ୍ଷା ବ୍ୟୟପାଇଁ ରଖାଯାଇଛି ।

ଆସନ୍ତା ବର୍ଷପାଇଁ ଆମେରିକାନ ପ୍ରତିନିଧି ସଭା ୨୯୨ ଦଶମିକ ୯ ବିଲିୟନ ଡଲାର ପ୍ରତିରକ୍ଷା ବ୍ୟୟକୁ ଅନୁମୋଦନ ଦେଇସାରିଛି । ଅକ୍ଟୋବର ପହିଲାରୁ ଆରମ୍ଭ ହୋଇଥିବା ୧୯୮୫ ଆର୍ଥିକ ବର୍ଷରେ ଏହି ପରିମାଣର ଅର୍ଥ ବ୍ୟୟିତ ହେବ ।

ଲୋକସଭା ନିର୍ବାଚନରେ ଭୋଟର ଓ ଭୋଟ କେନ୍ଦ୍ରର ସଂଖ୍ୟା

ବିଗତ ସାତଟି ଲୋକସଭା ନିର୍ବାଚନ ୧୯୫୧-୫୨, ୧୯୫୭, ୧୯୬୨, ୧୯୬୭, ୧୯୭୧, ୧୯୭୭ ଏବଂ ୧୯୮୦ ମସିହାରେ ହୋଇଥିଲା । ଲୋକସଭା ନିର୍ବାଚନ ଗୁଡ଼ିକରେ ଭୋଟଦାତା ଏବଂ ଭୋଟ କେନ୍ଦ୍ରର ସଂଖ୍ୟା ନିମ୍ନମତେ ଜଣାଯାଇଛି ।

୧୯୮୦ ସପ୍ତମ ଲୋକସଭା ନିର୍ବାଚନ ଜାନୁୟାରୀ ମାସ ୩ ଏବଂ ୬ ତାରିଖରେ ହୋଇଥିବା ସ୍ଥଳେ ଅଷ୍ଟମ ଲୋକସଭା ନିର୍ବାଚନ ୧୯୮୪ ଡିସେମ୍ବର ୨୪ ରେ ଏବଂ ୨୭ରେ ହୋଇଯାଇଛି ।

୧୯୮୦ ନିର୍ବାଚନ ସମୟରେ ୫୪୨ ପାର୍ଲାମେଣ୍ଟାରୀ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୫୨୯ରେ ନିର୍ବାଚନ ହେବ ।

ବର୍ଷ	ଭୋଟଦାତାଙ୍କ ସଂଖ୍ୟା	ଭୋଟ କେନ୍ଦ୍ରର ସଂଖ୍ୟା
୧୯୫୧-୫୨	୧୭, ୩୨, ୧୩, ୬୩୫	୧, ୯୬, ୦୮୪
୧୯୫୭	୧୯, ୩୭, ୫୨, ୦୬୯,	୨, ୨୦, ୪୭୮,

Digitized by srujanika@gmail.com

ବର୍ଷ	ଭୋଟଦାତାଙ୍କ ସଂଖ୍ୟା	ଭୋଟକେନ୍ଦ୍ରର ସଂଖ୍ୟା
୧୯୬୨	୨୧, ୬୩, ୭୨, ୨୧୫	୨, ୩୮, ୨୪୪
୧୯୬୭	୨୪, ୯୦, ୦୩, ୩୩୨	୨, ୬୭, ୫୫୫
୧୯୭୧	୨୭, ୪୦, ୯୪, ୪୯୩	୩, ୪୨, ୯୪୪
୧୯୭୭	୩୨, ୧୧ ୭୪, ୩୨୭	୩, ୫୮, ୨୦୮
୧୯୮୦	୩୫, ୫୫ ୯୦, ୨୦୦	୪, ୩୪, ୪୪୨
୧୯୮୪	୩୮, ୯୨, ୮୫, ୦୬୦	୪, ୨୯ — ୯୧୨

ଆସାମ ବ୍ୟତୀତ (ଜାମ୍ମୁ କାଶ୍ମୀର ବିହାର ଆସାମ ବ୍ୟତୀତ)

ହୋଇଥିଲା । ଅବଶିଷ୍ଟ ୧୩ଟି ଆସନ ମଧ୍ୟରୁ ଆସାମର ୧୨ଟି ଏବଂ ମେଘାଳୟର ଗୋଟିଏ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ହୋଇନଥିଲା । ସେହିପରି ୧୯୮୪ ନିର୍ବାଚନରେ ଆସାମର ୧୪ଟି ଏବଂ ପଞ୍ଜାବର ୧୩ଟି ଆସନର ନିର୍ବାଚନ ହୋଇନାହିଁ ।

୫୪୨ ନିର୍ବାଚନ ଆସନ ମଧ୍ୟରୁ ଉଭୟ ୧୯୮୦ ଏବଂ ୧୯୮୪ ନିର୍ବାଚନରେ ଆଦିବାସୀ ଓ ହରିଜନ ପ୍ରାର୍ଥୀଙ୍କ ନିମନ୍ତେ ଯଥାକ୍ରମେ ୩୮ଟି ଏବଂ ୨୮ଟି ଆସନ ସଂରକ୍ଷିତ ବୋଲି ଘୋଷଣା କରଯାଇଥିଲା ।

୧୯୮୦ ନିର୍ବାଚନରେ ୧୫, ୧୯, ୬୨୪ ଭୋଟ ବାକ୍ସ ବ୍ୟବହାର ହୋଇଥିବା ସ୍ଥଳେ ୧୯୮୪ ନିର୍ବାଚନରେ ୧୫, ୨୦, ୮୨୫ ଟି ଭୋଟ ବାକ୍ସ ବ୍ୟବହୃତ ହୋଇଥିବାର ପ୍ରକାଶ ।

ଔଷଧ ଉତ୍ପାଦନରେ ରେକର୍ଡ

ଚଳିତ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ଗ୍ରୀବର୍ଷ ମଧ୍ୟରେ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରଣାଳୟ ଅଧୀନସ୍ଥ ହିନ୍ଦୁସ୍ଥାନ ଏଣ୍ଟିବାୟୋଟିକ୍ସ ଲିମିଟେଡ୍‌ରେ ଔଷଧ ଉତ୍ପାଦନ ହାର ଶତକଡା ୧୦ଗୁଣ ବୃଦ୍ଧି ପାଇଛି । ଚଳିତ ଯୋଜନାର ମୂଳବର୍ଷ ୧୯୭୯ ୮୦ରେ କମ୍ପାନୀ ଦ୍ୱାରା ୧୨.୦୬ କୋଟି ଟଙ୍କା ମୂଲ୍ୟର ଜର ଔଷଧ ଓ ରସାୟନିକ ପଦାର୍ଥ ଉତ୍ପାଦିତ ହେବାବେଳେ ୧୯୮୩-୮୪ ବର୍ଷ ବେଳକୁ ଏହା ବୃଦ୍ଧି ପାଇ ୨୪.୮୫ କୋଟି ଟଙ୍କା ହୋଇଥିଲା । ଅର୍ଥାତ ଏହି ୪ବର୍ଷ ମଧ୍ୟରେ ଔଷଧ ଉତ୍ପାଦନ ହାର ପ୍ରାୟ ଶତକଡା ୧୦୬ ଗୁଣ ବୃଦ୍ଧି ପାଇଥିବା ଲକ୍ଷ୍ୟ କରଯାଇଛି । ଏହି ସମୟ ମଧ୍ୟରେ ମୋଟା ଆକାରରେ ବ୍ୟବହୃତ ହେଉଥିବା ଡ୍ରଗସ ଉତ୍ପାଦନ ମଧ୍ୟ ଶତକଡା ୨୬ ଗୁଣ ବୃଦ୍ଧି ପାଇଛି । ୧୯୭୯-୮୦ରେ ମୋଟ ୭. ୭୦ କୋଟି ଟଙ୍କା ମୂଲ୍ୟର ଡ୍ରଗସ ଉତ୍ପାଦିତ ହୋଇଥିବା ସ୍ଥଳେ ୧୯୮୩-୮୪ ବେଳକୁ ଏହା ବୃଦ୍ଧି ପାଇ ୯. ୭୫ କୋଟି ଟଙ୍କାରେ ପହଞ୍ଚିଛି ।

Digitized by srujanika@gmail.com

ସିମିଲିପାଳ ଜଙ୍ଗଲରେ ୩୭୫ଟି ହାତୀ

ସିମିଲିପାଳ ବାଘ ସଂରକ୍ଷଣ ଜଙ୍ଗଲରେ ୩୭୩ଟି ହାତୀଥିବା ଏକ ହିସାବରୁ ଜଣାଯାଇଛି । ସେମାନଙ୍କ ମଧ୍ୟରୁ ୧୬୩ଟି ମାଈହାତୀ ଓ ୯୧ଟି ଛୁଆହାତୀ । ଡାକ୍ତର ସୁଶାନ୍ତ ଚୌଧୁରୀ ୧୯୮୩ରେ ସିମିଲିପାଳ ଜଙ୍ଗଲ କର୍ମଚାରୀଙ୍କ ସାହାଯ୍ୟରେ ଏହି ଗଣନା କରିଥିଲେ ।

ଗୋଟିଏ ଦିନରେ ୪୬ ଜଣଙ୍କୁ ଫାଶୀ

ନାଇଜେରିଆରେ ଗତ ୧୧ମାସ ମଧ୍ୟରେ ୮୦ରୁ ଅଧିକ ଲୋକଙ୍କୁ ସର୍ବସାଧାରଣରେ ଫାଶୀ ଦିଆଯାଇଛି. ଏପରିକି ଏମାନଙ୍କ ମଧ୍ୟରୁ କେତେଜଙ୍କୁ ସେମାନଙ୍କ ପରିବାର ସମ୍ମୁଖରେ ଫାଶୀ ଦିଆଯାଉଛି ବୋଲି ବ୍ରିଟିଶ ସାପ୍ତାହିକ ପତ୍ରିକା ଅବଜରଭରରେ ପ୍ରକାଶ ପାଇଛି ।

ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ, ଗତ ୧୯୮୪ ନଭେମ୍ବର ୧୫ ତାରିଖରେ ନାଇଜେରିଆର ଏନୁଗୁଠାରେ ୫୫ ଜଣଙ୍କୁ ହତ୍ୟା କରଯାଇଥିଲା । ଏମାନଙ୍କ ମଧ୍ୟରୁ ୯ ଜଣଙ୍କୁ ଗୁଳିକରି ଏବଂ ୬୨ ଜଣଙ୍କୁ ଫାଶୀ ଦିଆଯାଇଥିଲା ।

ଜାପାନୀମାନେ ଜୀବନର ଉଦାମତା ହରାଉଛନ୍ତି

ଜାପାନର ଲୋକମାନେ କ୍ରମଶଃ ଆତ୍ମକୈନ୍ଦ୍ରିକ ହୋଇ ଜୀବନର ଉଦାମତା ହରାଉଛନ୍ତି ବୋଲି ସାମାଜିକ ପରିବର୍ତ୍ତନ ଉପରେ ନିପ୍ପନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରସ୍ତୁତ ଏକ ସର୍ଭେରୁ ପ୍ରକାଶ ।

ଜାପାନରେ ୧୫ରୁ ୬୯ବର୍ଷ ବୟସ ମଧ୍ୟରେ ପ୍ରାୟ ୧୫୫୦ ଜଣ ଲୋକଙ୍କୁ ପରୀକ୍ଷା କରଯାଇଥିଲା । ବହୁ ଶିଳ୍ପୋନ୍ନତ ରାଷ୍ଟ୍ରଗୁଡ଼ିକ ଜାପାନରେ ମଧ୍ୟ "ଆତ୍ମସର୍ବସ୍ୱବାଦ" ପ୍ରଭାବ ଯୋଗୁଁ ପାରିବାରିକ ବନ୍ଧନରେ ଶିଥିଳତା, ଆଦର୍ଶରେ ଦୁର୍ବଳତା ପ୍ରକାଶ ପାଉଛି । ଫଳରେ ଲୋକମାନେ ଆତ୍ମକେନ୍ଦ୍ରିକ ହୋଇପଡୁଛନ୍ତି ।

ଗଛ ଲଗାଇବା କାହାପାଇଁ ?

ଇଥିଓପିଆରେ ମରୁଭୂମି ପାଲଟୁଥିବା ଅଞ୍ଚଳରେ କୌଣସି କ୍ଷୁଧାର୍ତ୍ତ ଲୋକକୁ ଆପଣ କିପରି ବୁଝାଇପାରିବେ ଯେ, ସେ ଗୋଟିଏ ବୃକ୍ଷ ରୋପଣ କଲେ ତାଙ୍କ ସନ୍ତାନ ସନ୍ତତି ଛାୟା ପାଇବେ କିମ୍ବା ୨୦ବର୍ଷ ଭିତରେ ସେମାନଙ୍କୁ ଖାଦ୍ୟୋପଯୋଗୀ ଫଳ ମିଳିବ ।

"ଆମକୁ ଜଣାନାହିଁ" ଏହି ଉତ୍ତର ଦିଅନ୍ତି ସୁଇଡେନ ରେଡକ୍ରସର ସେକ୍ରେଟାରୀ ଜେନେରାଲ ଶ୍ରୀ ଏଣ୍ଡ୍ରସ ଫିମ୍ୟାନ୍ ଅଥଚ ପ୍ରାକୃତିକ ପରିବେଶର ଉନ୍ନତି ଉପରେ ସୁଇଡେନ ବିଶେଷ ଗୁରୁତ୍ୱ ଦେଇଥାଏ । ଏ ସଂପର୍କରେ ଆନ୍ତର୍ଜାତୀୟ ପାରି ପାର୍ଶ୍ୱିକ ଏବଂ ଉନ୍ନୟନ

Digitized by srujanika@gmail.com

ସଂସ୍ଥା "ଅର୍ଥସ୍କାନ" ପକ୍ଷରୁ ଏକ ପୁସ୍ତକ ସଂପ୍ରତି ପ୍ରକାଶ ପାଇଛି । ଏହି ପୁସ୍ତକରେ ସନ୍ନିବେଶିତ "ପ୍ରାକୃତିକ ଦୁର୍ବିପାକ ଦୈବକୃତ ନା ମନୁଷ୍ୟ ସୃଷ୍ଟି" ଶୀର୍ଷକ ପ୍ରବଂଧର ଉପସଂହାରରେ କୁହାଯାଇଛି ଯେ, ମଣିଷମାନେ ହିଁ ଭୂପୃଷ୍ଠର ପ୍ରାକୃତିକ ପରିବେଶକୁ ବିକଳାଙ୍ଗ କରୁଥିବା ଯୋଗୁ ନାନାଦି ଦୁର୍ବିପାକର ଆଶଙ୍କା ଉପୁଜିଥାଏ ।

କେତେକ ବିଶିଷ୍ଟ ଘଟଣା

ଭାରତୀୟ ବିମାନ ଅପହରଣ

ନିଜକୁ ଖଲିସ୍ତାନ ସମର୍ଥକ ବୋଲାଉଥିବା ପାଞ୍ଚଜଣ ବ୍ୟକ୍ତି ଦିଲ୍ଲୀରୁ ଶ୍ରୀନଗର ଯାଉଥିବା ଏକ ବିମାନକୁ ଅଗଷ୍ଟ-୨୪ ତାରିଖ ଦିନ ଲାହୋରକୁ ଅପହରଣ କରି ନେଇ ଯାଇଥିଲେ । ପାକିସ୍ତାନ ଅପହରଣକାରୀମାନଙ୍କୁ ଆଶ୍ରୟ ଦେବାକୁ ମନାକରିଦେଇଥିଲା । ବିମାନଟି ତେଲ ଭର୍ତ୍ତି କରି ଲାହୋରରୁ କରାଚୀ ଓ ପରେ ଦୁବାଇରେ ଅବତରଣ କରିଥିଲା । ଲାହୋର ଠାରେ ଦୁଇଜଣ ବିଦେଶୀ ମହିଳାଙ୍କ ସମେତ ପାଞ୍ଚଜଣଙ୍କୁ ଅପହରଣକାରୀମାନେ ଛାଡ଼ ଦେଇଥିଲେ । ଦୀର୍ଘ ସମୟର ଆଲୋଚନାପରେ ବିମାନ ଦସ୍ୟୁମାନେ ଦୁବାଇରେ ଯାତ୍ରୀମାନଙ୍କୁ ଛାଡ଼ିଦେଇ ଆତ୍ମସମର୍ପଣ କରିଥିଲେ । ଦୀର୍ଘ ୩୮ ଘଣ୍ଟା ପରେ ବିମାନ ୨୬ ତାରିଖରେ ଦିଲ୍ଲୀ ଫେରିଥିଲା । ଏପର୍ଯ୍ୟନ୍ତ ସମୁଦାୟ ୯ ଥର ବିମାନ ଅପହରଣ ହୋଇଛି ଏବଂ ତନ୍ମଧ୍ୟରୁ ୬ଥର ବିମାନଗୁଡ଼ିକୁ ପାକିସ୍ତାନ ନିଆଯାଇଛି ।

ଆନ୍ଧ୍ର ପ୍ରଦେଶ

ରାଜ୍ୟପାଳ ରାମଲାଲ ଅଗଷ୍ଟ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଏନ. ଟି. ରାମାରାଓଙ୍କ ସରକାରକୁ ବରଖାସ୍ତ କରି ତାଙ୍କ ସ୍ଥାନରେ ଏନ ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରାଇଥିଲେ । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାମଲାଲଙ୍କ କାର୍ଯ୍ୟକୁ ସମର୍ଥନ କରିଥିଲେ । କିନ୍ତୁ ପରେ ରାମଲାଲ ଇସ୍ତଫା ଦେଲେ । ଶ୍ରୀମତୀ ଗାନ୍ଧୀଙ୍କ ସରକାର ଏଦ୍ୱାରା ଅନେକ ସମାଲୋଚନାର ଶରବ୍ୟ ହୋଇଥିଲେ । ଡାକ୍ତର ଏସ: ଡି ଶର୍ମା ରାଜ୍ୟପାଳ ହେଲାପରେ ଏନ ଟି. ରାମାରାଓଙ୍କୁ ସରକାର ଗଢ଼ିବା ପାଇଁ ଆମନ୍ତ୍ରଣ କରିଥିଲେ । ରାମାରାଓ କ୍ଷମତାକୁ ଫେରି ବିଧାନ ସଭାରେ ନିଜର ସଂଖ୍ୟା ଗରିଷ୍ଠତା ପ୍ରମାଣ କରିଥିଲେ ।

ରେଗାନଙ୍କ ବିଜୟ

ଆମେରିକାର ରାଷ୍ଟ୍ରପତିରୂପେ ରୋନାଲଡ ରିଗାନ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ଡେମୋକ୍ରାଟିକ ଦଳର ୱାଲଟର ମଣ୍ଡେଲ ନିଜ ରାଜ୍ୟ ମିନେସୋଟା ବ୍ୟତୀତ ଅନ୍ୟକୌଣସି ସ୍ଥାନରେ ଆଶାନୁରୂପ ଭୋଟ ପାଇନଥିଲେ । ରିଗାନ ଶତକଡ଼ା ୫୯ଭାଗ ଭୋଟପାଇ ବିଜୟୀ ହୋଇଥିଲେ । ଉପରାଷ୍ଟ୍ରପତି ରୂପେ ଜର୍ଜ ବୁଶ ମଧ୍ୟ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ । କିନ୍ତୁ ହାଉସ

ଅଫ୍ ରିପ୍ରେଜେଣ୍ଟେଟିଭରେ ରିଗାନଙ୍କ ଦଳ ସଂଖ୍ୟାଗରିଷ୍ଠ ନ ଥିବାରୁ ଏହା ତାଙ୍କର ବିପୁଳ ବିଜୟ କୁହାଯାଇ ନପାରେ ।

ଇନ୍‌ସାଟର ସଫଳତା

ଅଗଷ୍ଟ ୩୦ ତାରିଖରେ ଇନସାଟ-୧ବି ମହାକାଶରେ ସଫଳତାର ସହ ଏକ ବର୍ଷ ସମାପ୍ତ କରିଛି । ଭୂପୃଷ୍ଠରୁ ଏହି ଉପଗ୍ରହସହ ସଂଯୋଗ ରକ୍ଷା କରୁଥିବା ୩୧ଟି ଯାକ କେନ୍ଦ୍ର ମଧ୍ୟ ପୂର୍ଣ୍ଣକ୍ଷମତାରେ କାର୍ଯ୍ୟ କରୁଛନ୍ତି । ତୈଳ ଓ ପ୍ରାକୃତିକ ବାଷ୍ପ କମିଶନ ବମ୍ବେ ଉପକୂଳରେ ଥିବା ତୈଳ ଉତ୍ତୋଳନ ପ୍ଲାଟ ଫର୍ମ ସହିତ ସଂଯୋଗ ରକ୍ଷା କରିବା ପାଇଁ ଏହି ଉପଗ୍ରହର ସାହାଯ୍ୟ ନେଉଛି । ଏତଦ୍‌ବ୍ୟତୀତ ମାଡ୍ରାସ,ବମ୍ବେ, ଦିଲ୍ଲୀ ଟ୍ରଙ୍କ୍ ଟେଲିଫୋନ ଲାଇନ୍ ଇନସାଟ-୧ବି ସହ ସଂଯୁକ୍ତ । ଆକାଶବାଣୀ କେନ୍ଦ୍ର ବ୍ୟତୀତ ୧୯୮୫ ମସିହା ସୁଦ୍ଧା ଇନସାଟ—୧ବି ସହିତ ପ୍ରାୟ ୯୬ଟି କେନ୍ଦ୍ରର ସମ୍ପର୍କ ସ୍ଥାପିତ ହେବ । ପ୍ରତିଦିନ ପାଣିପାଗ ବିବରଣୀ ଯୋଗାଇବା ବ୍ୟତୀତ ଏହି ଉପଗ୍ରହ ୧୫ଟି ତଥ୍ୟ ବିଶ୍ଳେଷଣ କେନ୍ଦ୍ରକୁ ସାହାଯ୍ୟ କରୁଛି । ଅଧିକ ୨୦ଟି ତଥ୍ୟ ବିଶ୍ଳେଷଣ କେନ୍ଦ୍ର ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି । ୧୯୮୫ ସୁଦ୍ଧା ଇନସାଟ-୨ ଏନ୍ ମହାକାଶକୁ ଛଡ଼ାଯିବା ଯୋଜନା ଅଛି ।

ସଂବିଧାନ ସଂଶୋଧନ

ଅଗଷ୍ଟ ୨୩ ତାରିଖରେ ଲୋକସଭାରେ ଏକାଦିନେ ପାଞ୍ଚଟି ସଂଶୋଧନ ପ୍ରସ୍ତାବ ଅନୁମୋଦିତ ହୋଇଥିଲା । ଏହା ପାର୍ଲାମେଣ୍ଟ ଇତିହାସରେ ଏକ ନୂତନ ରେକର୍ଡ । ୧୯୫୦ରୁ ଆଜିପର୍ଯ୍ୟନ୍ତ ସମ୍ବିଧାନ ୫୨ଥର ସଂଶୋଧିତ ହେଲାଣି । ପଞ୍ଜାବରେ ରାଷ୍ଟ୍ରପତି ଶାସନର ମିଆଦ ଆଉ ଏକବର୍ଷକୁ ବୃଦ୍ଧି କରିବାପାଇଁ ସମ୍ବିଧାନର ୩୫୬ ଧାରାକୁ ପାର୍ଲାମେଣ୍ଟରେ ସଂଶୋଧିତ କରାଯାଇଥିଲା । ଏହି ୪୯ ତମ ସଂଶୋଧନ ପ୍ରସ୍ତାବ (ପୂର୍ବରୁ ୫୦ ତମ) ଲୋକସଭାରେ ୩୬୬।୬୯ ଭୋଟରେ ଅନୁମୋଦିତ ହୋଇଥିଲା ।

ବିଶ୍ୱର ମୁଖ୍ୟ ଘଟଣା

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ୧୯୮୪ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ବିଶ୍ୱର ବିଭିନ୍ନ ସମ୍ବାଦପତ୍ରର ସଂପାଦକମାନେ ମତ ଦେଇଛନ୍ତି । ଏହି ବର୍ଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂବାଦ କ'ଣ ଥିଲା ବୋଲି ଆସୋସିଏଟେଡ୍ ପ୍ରେସ ତରଫରୁ ଏକ ଅନୁଚ୍ଛେଦ ଅନୁସନ୍ଧାନ କରାଯାଇଥିଲା । ଦଶଟି ମୁଖ୍ୟ ଘଟଣାବଳୀ ଗୁରୁତ୍ୱ ଅନୁଯାୟୀ କ୍ରମାନୁସାରେ —

୧ । ଶ୍ରୀମତୀ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ।

୨ । ରିଗାନଙ୍କ ପୁନର୍ନିର୍ବାଚନ ।

୩ । ଆଣ୍ଡ୍ରୋପୋଭଙ୍କ ମୃତ୍ୟୁ, ଚେରନେଙ୍କୋଙ୍କ ଦାୟିତ୍ୱ ଗ୍ରହଣ ।

Digitized by srujanika@gmail.com

୪ । ଅପି କାରେ ନାହିଁ ନଥିବା ମରୁଡ଼ି ।
୫ । ଭୋପାଳ ଗ୍ୟାସ ବିପର୍ଯ୍ୟୟ ।
୬ । ମାର୍ଗାରେଟ୍ ଥାଚରଙ୍କୁ ହତ୍ୟା ଉଦ୍ୟମ ।
୭ । ଲସ ଆଂଜେଲସ ଅଲମ୍ପିକ ଏବଂ ରୁଷିଆ ଗୋଷ୍ଠୀର ବର୍ଜନ ନିଷ୍ପତ୍ତି ।
୮ । ରୁଷିଆ—ଆମେରିକା ନିରସ୍ତ୍ରୀକରଣ ଆଲୋଚନା ।
୯ । ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ପ୍ରବେଶ ।
୧୦ । ମଧ୍ୟ ଆମେରିକା ଅଞ୍ଚଳରେ ଆମେରିକାର ହସ୍ତକ୍ଷେପ ।

ଭିୱାଣ୍ଡି ଆତଙ୍କ

ମେ ମାସର ମଧ୍ୟ ଭାଗରେ ବମ୍ବେ ସହରର ଭିୱାଣ୍ଡି, ଥାନେ ଓ ଅନ୍ୟାନ୍ୟ ପାଖାପାଖି ଅଞ୍ଚଳରେ ଯେଉଁ ସାଂପ୍ରଦାୟିକ ଦଙ୍ଗା ହେଲା ଭାରତ ଇତିହାସରେ ତାହାର ପଟାନ୍ତର ନାହିଁ । ମୋଟ ୨୩୦ ଜଣ ଲୋକ ଏହି ଦଙ୍ଗାରେ ପ୍ରାଣ ହରାଇଥିଲେ ଓ ଶତାଧିକ ବ୍ୟକ୍ତି ଆହତ ହେବା ସଙ୍ଗେ ସଙ୍ଗେ କୋଟି କୋଟି ଟଙ୍କାର ସଂପତ୍ତି ନଷ୍ଟ ହୋଇଥିଲା । ଶିବସେନା ମୁଖ୍ୟ ବାଲ ଠାକରେଙ୍କ ଏକ ପ୍ରତିକ୍ରିୟାଶୀଳ ମନ୍ତବ୍ୟକୁ ନେଇ ଏହି ଦଙ୍ଗାର ସୂତ୍ରପାତ ହୋଇଥିଲା ଏବଂ ପୁଲିସର ଏକତରଫା କାର୍ଯ୍ୟକଳାପର ସୁଯୋଗ ନେଇ ଉଭୟ ସଂପ୍ରଦାୟର ସମାଜ ବିରୋଧୀ ବ୍ୟକ୍ତିମାନେ ହିଂସାକାଣ୍ଡ ଓ ଲୁଟତରାଜ ଭିଆଇଥିଲେ ।

ଫାରୁକଙ୍କ ପତନ

ଜୁଲାଇ ୨ ତାରିଖରେ ଫାରୁକ ଅବଦୁଲାଙ୍କ ଦଳର ୧୩ ଜଣ ବିଧାୟକ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିନେବାରୁ ତାଙ୍କ ସରକାରଙ୍କ ପତନ ଘଟିଲା । ଫାରୁକ ଅବଦୁଲାଙ୍କ ଭିଣୋଇ ଜି: ଏମ: ଶାହାଙ୍କ ନେତୃତ୍ୱରେ ଜାମ୍ମୁ କାଶ୍ମୀରର ନୂତନ ମନ୍ତ୍ରୀମଣ୍ଡଳ ଗଠନ କରାଗଲା । ଶେଖ ଅବଦୁଲାଙ୍କ ପୁଅ ଫାରୁକ ୧୩ମାସ କ୍ଷମତାରେ ରହିଥିଲେ ଶାହାଙ୍କୁ ୨୬ ଜଣ କଂଗ୍ରେସ (ଇ) ର ବିଧାୟକ ସରକାର ଗଠନ ପାଇଁ ସମର୍ଥନ ଜଣାଇଥିଲେ । ପାରିବାରିକ କଳହକୁ କେନ୍ଦ୍ରକରି (ଏକ ପକ୍ଷରେ ଜି: ଏମ: ଶାହା ଓ ତାଙ୍କ ସ୍ତ୍ରୀ ଖାଲିଦା ଶାହା ଓ ଅନ୍ୟପକ୍ଷରେ ଫାରୁକ ଅବଦୁଲା ଓ ତାଙ୍କ ମା' ବେଗମ ଅବଦୁଲା) ଜାମ୍ମୁ କାଶ୍ମୀରର ରାଜନୈତିକ ଅସ୍ଥିରତାର ସୂତ୍ରପାତ ହୋଇଥିଲା ।

ଶ୍ରୀମତୀ ଗାନ୍ଧି ଶହୀଦ

ଭାରତର ପ୍ରଧାନମନ୍ତ୍ରୀ ତଥା ତୃତୀୟ ବିଶ୍ୱର କର୍ଣ୍ଣଧାର ଶ୍ରୀମତୀ ଇନ୍ଦିରା ଗାନ୍ଧି ଗତ ଅକ୍ଟୋବର ୩୧ ତାରିଖ ସକାଳେ ନିଜ ବାସଭବନରୁ ବାହାରି ସଂଲଗ୍ନ ୧-ଅକବର ରୋଡରେ ଥିବା ଅଫିସକୁ ଯାଉଥିବା ବେଳେ ନିଜର ଦୁଇ ଦେହରକ୍ଷୀଙ୍କ ଗୁଳିମାଡ଼ରେ ଶହୀଦ ହୋଇଥିଲେ । ଏହି ଦୁଇଜଣ ଦେହରକ୍ଷୀ ହେଲେ ସତୱନ୍ତ ସିଂହ ଏବଂ

Digitized by srujanika@gmail.com

ବିଅନ୍ତ ସିଂହ । ଏ ଦୁଇଜଣଙ୍କ ମଧ୍ୟରୁ ବିଅନ୍ତ ସିଂହଙ୍କୁ ଘଟଣା ସ୍ଥଳରେ ଇଣ୍ଡୋଟିବ୍ଦତ ରକ୍ଷୀମାନେ ମାରି ଦେଇଥିଲେ ।

ଶ୍ରୀଲଙ୍କା ସମସ୍ୟା

ଶ୍ରୀଲଙ୍କାରେ ଏବେ ଦେଖାଯାଇଥିବା ତାମିଲମାନଙ୍କର ଦୁରବସ୍ଥା ବିରୁଦ୍ଧରେ ଯେଉଁ ସଂଗ୍ରାମ ଚାଲିଛି, ତାହାର କୌଣସି ସମାଧାନର ସୂତ୍ର ଏଯାବତ ବାହାରି ନାହିଁ । ଫଳରେ ପ୍ରତିଦିନ ସେଠାରେ ବହୁଲୋକ ମରିବାରେ ଲାଗିଛନ୍ତି ।

ମରୁଭୂମିର ଚଳନ୍ତା ଡାକଘର

ମରୁଭୂମିରେ ଡାକଘର, ଟେଲିଗ୍ରାଫ, ଟେଲିଫୋନ ଆଦିର ବ୍ୟବସ୍ଥା ନଥାଏ, କାରଣ ସେଠାରେ ଲୋକ କିମ୍ବା ଗାଡ଼ିଘୋଡ଼ା ଯାତାୟାତ କରିବା ସମ୍ଭବ ନୁହେଁ । ତଥାପି ଲୋକେ ମରୁଭୂମିରେ ବାସକରନ୍ତି । ଭାରତର ରାଜସ୍ଥାନସ୍ଥ ଥର ଏହିପରି ଏକ ମରୁଭୂମି । ଏହାର ଦିଗନ୍ତ ବିସ୍ତାରୀ ଭୟାବହ ବାଲୁକାରାଶି ଉପରେ କେହି ହେଲେ ଚାଲିବା ସମ୍ଭବ ନୁହେଁ । ଯନ୍ତ୍ର ଚାଳିତ ଗାଡ଼ି ଶଗଡ଼ ବି ନୁହେଁ । ଏଠାରେ କେବଳ ଓଟହିଁ ଏକମାତ୍ର ପଶୁ ଯିଏ ମଣିଷକୁ ସାହାଯ୍ୟ କରିପାରେ । ରାଜସ୍ଥାନର ଭୟଙ୍କର ଥର ମରୁଭୂମି ମଧ୍ୟରେ ଓଟ କେବଳ "ମରୁଭୂମିର ଜାହାଜ" ଭୂମିକା ନେଇ ନାହିଁ ବରଂ ମରୁଭୂମିର ଡାକଘର ଦାୟିତ୍ୱ ବହନ କରି ଏହି ମରୁଭୂମିର ଜୀବନକୁ ସରସସୁନ୍ଦର ଓ ପ୍ରଗତିଶୀଳ କରିପାରିଛି । ଥର ମରୁଭୂମିର ଦୁସାଙ୍ଗସାର ଅଞ୍ଚଳର ଲୋକଙ୍କର ବାହ୍ୟ ପୃଥିବୀସହ ଯୋଗାଯୋଗ ରକ୍ଷିବାରେ ଏକମାତ୍ର ମାଧ୍ୟମ ହେଲା ଓଟଦ୍ୱାରା ଚିଠିପତ୍ର ପ୍ରେରଣ ବ୍ୟବସ୍ଥା । ଏହି ଓଟଟି ବିକାନୀର ଜିଲ୍ଲାର କେଳସର ନାମକ ସ୍ଥାନଟିକୁ ନିଜର ମୁଖ୍ୟ କର୍ମସ୍ଥଳୀ ରୂପେ ବାଛିନେଇ ସେହିଠାରୁ ବିଭିନ୍ନ ଦୁର୍ଗମ ସ୍ଥାନକୁ ଚିଠିପତ୍ର ନେବା ଆଣିବା କରୁଛି । ଦୁସାଙ୍ଗସାର ଓ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ୬୦୦ରୁ ଅଧିକ ଲୋକ ବାସ କରନ୍ତି । ବିଭିନ୍ନ ଅସୁବିଧା ହେତୁ ସେଠାରେ ଏକ ନିୟମିତ ଡ଼ାକଘର ଖୋଲାଯିବା ସମ୍ଭବ ହେଲା ନାହିଁ । ତେଣୁ ଭାରତୀୟ ଡାକ ଓ ତାର ବିଭାଗ ତରଫରୁ ଏହି ଅଞ୍ଚଳର ଲୋକଙ୍କ ସେବାପାଇଁ ଓଟଦ୍ୱାରା ଚିଠିପତ୍ର ଆଦାନ ପ୍ରଦାନର ବ୍ୟବସ୍ଥା କରଗଲା । ନିଜର ବିରାଟ କୁଜ ସମ୍ମୁଖରେ ବହୁ ପରିଚିତ ଲାଲ ରଙ୍ଗର ବାକ୍ସଟିକୁ ଧାରଣ କରି ଓଟଟି ମରୁଭୂମି ମଧ୍ୟରେ ମାଇଲ ମାଇଲ ଧରି ରାସ୍ତା ଅତିକ୍ରମ କରେ । ଏହି ଓଟପିଠିରେ ଥିବା ଆଉ ଗୋଟିଏ ବାକ୍ସରେ ଡାକ-ଟିକେଟ, ପୋଷ୍ଟ କାର୍ଡ ଇତ୍ୟାଦି ନାନା ପ୍ରକାର ଡାକ ଜିନିଷପତ୍ର ରହିଥାଏ । ଓଟର ଚାଳକଙ୍କୁ ଅନେକ ଭୂମିକା ଗ୍ରହଣ କରିବାକୁ ପଡ଼େ । ପ୍ରଥମ ସେହି ବ୍ୟକ୍ତିଜଣକ ସେଠାର ଲୋକମାନଙ୍କ ପାଖକୁ ଆସୁଥିବା ଚିଠିପତ୍ର ଗୁଡ଼ିକ ବାଣ୍ଟିବା ସଙ୍ଗେ ସଙ୍ଗେ ଏହି ସବୁ ଚିଠିର ଉତ୍ତର ମଧ୍ୟ ସେ ଲେଖିଥାନ୍ତି, କାରଣ ଏହି ଅଞ୍ଚଳର ଅଧିକାଂଶ ଲୋକ ଅଶିକ୍ଷିତ ଏବଂ ନିରକ୍ଷର ଥିବାରୁ ଚିଠି ଲେଖି ପାରନ୍ତି ନାହିଁ କିମ୍ବା ପଢ଼ି ମଧ୍ୟ ପାରନ୍ତି ନାହିଁ ।

Digitized by srujanika@gmail.com

ଚାର୍ଲସ୍ ଡିକେନ୍‌ସ ମୃତ୍ୟୁପରେ ଅଂସପୂର୍ଣ୍ଣ ଉପନ୍ୟାସ ସମାପ୍ତ କରିଥିଲେ

ବିଖ୍ୟାତ ଇଂରାଜୀ ଔପନ୍ୟାସିକ ଚାର୍ଲସ ଡିକେନସ ୧୮୧୨ ମସିହାରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ସାଧାରଣ କିରାଣି ଥିଲେ । ସେ କୌଣସି ଅର୍ଥ ତୋଷରପାତ ଅଭିଯୋଗରେ ଜେଲ ଦଣ୍ଡ ଭୋଗ କରିଥିଲେ । ତେଣୁ ବାରବର୍ଷ ବୟ-ସରେ ଡିକେନ୍‌ସଙ୍କୁ ପାଠ ପଢ଼ା ଛାଡ଼ ବାଧ୍ୟହୋଇ କୌଣସି କାରଖାନାରେ କାର୍ଯ୍ୟ କରିବାକୁ ପଡ଼ିଥିଲା । ସେତେବେଳେ କିଛିଦିନ ସେ ସାମ୍ବାଦିକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ ଓ ପରେ ପରେ ୧୮୩୬ ମସିହାରେ ପ୍ରଥମେ ତାଙ୍କର ହାସ୍ୟୋଦ୍ଦୀପକ ଲେଖା 'ପିକଉଇକ୍ ପେପରସ' ପ୍ରକାଶିତ ହୋଇଥିଲା; କ୍ରମେ ସେ ଜଣେ ଲେଖକ ଭାବରେ ପ୍ରତିଷ୍ଠା ଲାଭ କରିଥିଲେ । ପରବର୍ତ୍ତୀ ୩୦ ବର୍ଷ ମଧ୍ୟରେ ସେ କେତେଗୁଡ଼ିଏ ଉପନ୍ୟାସ ରଚନା କରିଥିଲେ । ସେମାନଙ୍କ ମଧ୍ୟରୁ ଡେଭିଡ କପର ଫିଲଡ୍ ନିକୋଲାସ, ନିକେଲ-ବାଇ, ଓଲିଭର ଟୁଇଷ୍ଟ, ବାର ନାବିରଜ, ଟେଲ ଅଫ ଟୁ ସିଟିଜ ଓ ମାର୍ଟିନ ଚୁଜଲେଓଟ ଇତ୍ୟାଦି କେତୋଟି ପ୍ରଧାନ ଉପନ୍ୟାସ ତାଙ୍କର ଖ୍ୟାତି ବଢ଼ାଇ ଥିଲା । ୧୮୭୦ ମସିହା ଜୁନ ୬।୦ ତାରିଖରେ ମାତ୍ର ୫୮ ବର୍ଷ ବୟସରେ ସେ ହୃଦ୍ ରୋଗରେ ଆକ୍ରାନ୍ତହୋଇ ପ୍ରାଣ ହରାଇଲେ । ମୃତ୍ୟୁ ପୂର୍ବରୁ ଅଲ ଦି ଇଅର ରାଉଣ୍ଡ (All the year round) ନାମକ ଏକ ମାସିକ ପତ୍ରିକା ପାଇଁ ଗୋଟିଏ ଧାରାବାହିକ ଉପନ୍ୟାସ ଲେଖୁଥିଲେ । ଉପନ୍ୟାସର ନାମ ରଖିଥିଲେ "ଦି ମିଷ୍ଟ୍ରି ଅଫ୍ ଏଡଓଇନ ଡ୍ରୁନ" (The mystory of Edwin Drood) । ମୃତ୍ୟୁ ବେଳକୁ ମାତ୍ର ୬ଟି ଲେଖା ବାହାରି ଉପନ୍ୟାସଟି ଅସଂ-ପୂର୍ଣ୍ଣ ରହିଯାଇଥିଲା । ପ୍ରକାଶକ ସେ ସମୟରେ ଅନେକ ଲେଖକଙ୍କୁ ସେହି ଉପନ୍ୟାସଟିକୁ ସଂପୂର୍ଣ୍ଣ କରିଦେବା ପାଇଁ ଅନୁରୋଧ କ ଥିଲେ; କିନ୍ତୁ କେହି ଡିକେନସଙ୍କ ଶୈଳୀରେ ଲେଖିପାରି ନଥିଲେ । ଉପନ୍ୟାସଟି ସେହିପରି ଅସଂପୂର୍ଣ୍ଣ ରହିଲା, କିନ୍ତୁ ୧୮୭୩ ମସି-ହାରେ ଏକ ବିଚିତ୍ର ଘଟଣା ଘଟିଲା । ଥମାସ ଜେମ୍‌ସ ନାମକ ଜଣେ ଅନାମଧେୟ ଆମେରିକାବାସୀ ଯେ କି ଛାପାଖାନାର ଜଣେ ସାଧାରଣ କର୍ମଚାରୀ ଥିଲେ ସେହି ବ୍ୟକ୍ତି ଅସଂପୂର୍ଣ୍ଣ ଉପନ୍ୟାସଟିକୁ ସଂପୂର୍ଣ୍ଣ କରିଦେଇ ଇଂଲଣ୍ଡ ଓ ଆମେରିକାର ସାହିତ୍ୟ ଜଗ-ତରେ ଏକ ଚହଳ ପକାଇ ଦେଇଥିଲେ ।

ଥମାସ ଜେମ୍‌ସ ଆମେରିକାର ଏକ କାପାକର ମୁଦ୍ରଣ ଶିଳ୍ପ କାରିଗର ସଂପ୍ରଦାୟର ଲୋକ ଥିଲେ । ସେମାନେ କୌଣସି ଗୋଟିଏ ସ୍ଥାନରେ ଅଧିକଦିନ ରହୁ ନ ଥିଲେ । କାର୍ଯ୍ୟ ପ୍ରଣାଳୀ ଓ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ଅନ୍ୟସ୍ଥାନକୁ ଚାଲିଯାଉଥିଲେ । ଜେମ୍‌ସ ଏହିପରି ଭାବରେ ବୁଲି ବୁଲି କାମ କରୁଥିବାବେଳେ ୧୮୬୨ ମସିହାର ପ୍ରାରମ୍ଭରୁ ସେ ଦେଶର

Digitized by srujanika@gmail.com

Brattlebore vermont ନାମକ ସ୍ଥାନରେ ପହଞ୍ଚି ସେଠାକାର ସଂବାଦପତ୍ର "Vermont phoenix" ରେ କାମ ଆରମ୍ଭ କରିଥିଲେ । ନିର୍ଭୁଲ ଛାପାକାର୍ଯ୍ୟରେ ତାଙ୍କର ବେଶ୍ ଦକ୍ଷତା ଥିଲା । ସେ ସରଳ ପ୍ରକୃତିର ଲୋକ ଥିଲେ । ଅର୍ଥ ପାଇଁ ତାଙ୍କର ଆଦୌ ଲୋଭ ନଥିଲା । ସାହିତ୍ୟ ବା ଲେଖା ସହିତ କୌଣସି ସଂପର୍କ ନଥିଲା । କିଛିଦିନ ସେଠାରେ କାମ କଲାପରେ ସେ ଦିନେ ହଠାତ କାର୍ଯ୍ୟ ଛାଡ଼ିଦେଇ ଡ଼ିକେନ୍ସଙ୍କର ଅସଂପୂର୍ଣ୍ଣ ଉପନ୍ୟାସ ଲେଖିବାକୁ ଲାଗିଗଲେ । ଏଥିରେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ । କ୍ରମାଗତ କିଛିଦିନ ଏହି କାର୍ଯ୍ୟ କରି ସେ ୧୮୭୩ ଅକ୍ଟୋବର ୩୧ ତାରିଖରେ ଉପନ୍ୟାସଟିକୁ ସଂପୂର୍ଣ୍ଣ କରିବାକୁ ସକ୍ଷମ ହୋଇ ପାରିଥିଲେ । ଏହାର ରହସ୍ୟ ସଂପର୍କରେ ତାଙ୍କୁ ପଚର ଯାଇଥିଲା । ସେ କହିଥିଲେ ଯେ, ଦିନେ ଚାର୍ଲସ ଡ଼ିକେନସ୍ ତାଙ୍କୁ ସ୍ୱପ୍ନରେ ଦେଖାଦେଇ ଏ କାର୍ଯ୍ୟ କରିବାକୁ କହିଥିଲେ । ପରଦିନ ସେ କାର୍ଯ୍ୟରୁ ଫେରି ଖାଉଥିଲା ବେଳେ କୌଣସି ଅଦୃଶ୍ୟ ବ୍ୟକ୍ତିର ସ୍ୱର ପାହାକି ତାଙ୍କୁ ଖଣ୍ଡେ କାଗଜ ଆଣି କିଛି ଲେଖିବାକୁ କହିବାର ସେ ଶୁଣିଲେ । ସେ କିଏ ବୋଲି ପଚାରିବାରୁ ସେହି ସ୍ୱର "ଚାର୍ଲସ ଡ଼ିକେନସ" ବୋଲି ଉତ୍ତର ଦେଇଥିଲେ । ଏହିପରି ଭାବରେ ମୃତ ଡ଼ିକେନ୍ସଙ୍କର ଆତ୍ମା କିଛିଦିନ ଧରି ପ୍ରତିଦିନ ଉପନ୍ୟାସର ଶେଷଭାଗର ବିଷୟବସ୍ତୁ ବାକି ଦେଉଥିଲେ ଓ ଜେମ୍ସ ସେସବୁକୁ ଲେଖି ପକାଉଥିଲେ ।

କନଫୁସିୟସଙ୍କ ପୁଣ୍ୟାତ୍ମା

ଡକ୍ଟର ନେଭିଲ ଡ୍ରାଇମଣ୍ଡ ଜଣେ ବିଖ୍ୟାତ ପ୍ରାଚ୍ୟ ଭାଷାତତ୍ତ୍ୱବିତ୍ ଥିଲେ । ୧୯୨୬ ମସିହାର ମାର୍ଚ୍ଚମାସ ଶେଷବେଳକୁ ସେ ସସ୍ତ୍ରୀକ ଆମେରିକାର ନିୟୁର୍କ ସହରରେ କିଛିଦିନ ତାଙ୍କ ପତ୍ନୀଙ୍କ ଭାଇଙ୍କ ଘରେ ରହିଥିଲେ । ସେଠାରେ ଥିଲାବେଳେ ତାଙ୍କର ଶ୍ରୀଯୁକ୍ତ ଓ ଶ୍ରୀମତୀ କେଟନ ଦମ୍ପତ୍ତିଙ୍କ ସହିତ ପରିଚୟ ହୋଇଥିଲା । ସେ ପରେ ଜାଣିପାରିଥିଲେ ଯେ, ଶ୍ରୀମତୀ କେଟନ୍ ପ୍ରାଚ୍ୟଦର୍ଶନ ବିଷୟରେ ଅଧିକ ଜାଣିବାପାଇଁ ବେଶ କୌତୁହଳୀ ଥିଲେ ଓ ପ୍ରାଚ୍ୟ ଭାଷାବିତ୍ ହିସାବରେ ତାଙ୍କୁ ଶ୍ରଦ୍ଧାର ସହିତ ଗ୍ରହଣ କରିଥିଲେ । ସେଠାରେ ସେ ଶୁଣିଥିଲେ ଯେ; ଶ୍ରୀମତୀ କେଟନ୍ ମଝିରେ ମଝିରେ ତାଙ୍କ ଘରେ ପ୍ରେତ ତାତ୍ତ୍ୱିକମାନଙ୍କର ବୈଠକ ଡକାଉଥିଲେ ଓ ବିଶିଷ୍ଟ ପରଲୋକଗତ ବ୍ୟକ୍ତିଙ୍କ ଆତ୍ମା ସହିତ କଥୋପକଥନର ବ୍ୟବସ୍ଥା କରୁଥିଲେ । ଥରେ ସେ ନେଭିଲ ଡ୍ରାଇମଣ୍ଡକୁ ଡକାଇ ଏହିଭଳି ଏକ ବୈଠକରେ ଯୋଗଦେବାକୁ ଅନୁରୋଧ କରିଥିଲେ । ପ୍ରାଚ୍ୟ ଦେଶର ଭାଷା ଜାଣିଥିବାରୁ ସେ ତାଙ୍କୁ ସେହି ବୈଠକକୁ ବିଶେଷ ନିମନ୍ତ୍ରିତ ବ୍ୟକ୍ତିଭାବେ ଡାକିଥିଲେ । ସଂଧ୍ୟାପରେ ଡ୍ରାଇମଣ୍ଡ ଦମ୍ପତି ଶ୍ରୀଯୁକ୍ତ କେଟନଙ୍କ ଘରେ ପହଞ୍ଚିଥିଲେ ଓ ତତ୍ପରେ ସେଠାରେ ଭେଲିଏନଟାଇନ ନାମକ ଜଣେ ବଂଶିଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ସେ ଜାଣିବାକୁ ପାଇଥିଲେ ଯେ, ଭେଲିଏନ୍ଟାଇନ ଜଣେ ଉତ୍ତମ ମଧ୍ୟମ ଓ ପ୍ରେତାତ୍ମାମାନଙ୍କର ସ୍ୱର ଗ୍ରହଣ କରି ପ୍ରକାଶ କରିପାରୁଥିଲେ ।

Digitized by srujanika@gmail.com

ବୈଠକ ଆରମ୍ଭ ହେବାର ପୂର୍ବରୁ ଘରର ଆଲୋକ ସବୁକୁ ଲିଭାଇ ଦିଆଯାଇଥିଲା ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା । କିଛିକ୍ଷଣ ପରେ ଏକ ବଂଶୀ ସ୍ୱନ ଶୁଣାଗଲା । ଯଦି କେହି ଚୀନ ଦେଶର ରାସ୍ତାରେ କେବେ ଯାଇଥିବ, ତେବେ ସେ ଠିକ୍ ଏହି ପ୍ରକାର ବଂଶୀ ସ୍ୱନ ଶୁଣିଥିବ । ହ୍ୱାଇମାଣ୍ଟଙ୍କ ମନେହେଲା ସେ ଯେପରି ଚୀନ ଦେଶର କୌଣସି ରାସ୍ତାରେ ବୁଲୁଛନ୍ତି ଓ ଏହି ବଂଶୀ ଶବ୍ଦ ଶୁଣୁଛନ୍ତି । କ୍ରମେ ସେ ଶବ୍ଦ ଆଉ ଶୁଣାଗଲା ନାହିଁ । ଦେଖାଗଲା ଭେଲିଏନଟାଇନ୍ କେତୋଟି ଗଭୀର ନିଶ୍ୱାସ ନେଲା ପରେ ଧୀରେ ଧୀରେ ସଂପୂର୍ଣ୍ଣ ଜ୍ଞାନଶୂନ୍ୟ ହୋଇପଡ଼ିଲେ । ତାଙ୍କଠାରୁ କେତୋଟି ଚୀନ ଭାଷାର ଶବ୍ଦ ବାରଂବାର ଶୁଣାଗଲା – "କୁଂ ଫୁଂଜୁ" । ହ୍ୱାଇମାଣ୍ଟ ଚୀନ ଭାଷା ଜାଣିଥିଲେ । ସେହି କେବଳ ବୁଝିଥିଲେ ଯେ, ସେ ଦେଶର ଲୋକେ ବିଖ୍ୟାତ ଋଷି ଓ ଦାର୍ଶନିକ କନଫୁସିୟସଙ୍କୁ ପୂର୍ବେ ଏହି ବିଖ୍ୟାତ ନାମରେ ଡାକୁଥିଲେ ସେ ଖ୍ରୀ: ପୂ: ୪୭୯ ଶତାବ୍ଦୀରେ ଇହଧାମ ତ୍ୟାଗ କରିଥିଲେ, କିନ୍ତୁ ଏବେ ମଧ୍ୟ କନଫୁସିୟସଙ୍କୁ ଜଣେ ବିଖ୍ୟାତ ଦାର୍ଶନିକ ମହାତ୍ମା ଭାବରେ ଗ୍ରହଣ କରାଯାଇଛି ।

ଅଦ୍ଭୁତ ଅନ୍ତିମ ସଂସ୍କାର

ଅଫଗାନିସ୍ଥାନର ଉତ୍ତର ସୀମା ନିକଟରେ ଏକ ପ୍ରଦେଶ ଅଛି । ଏହାର ନାମ କାଫୀରିସ୍ଥାନ । ଏଠାରେ ଶବ ସଂସ୍କାର କରାଯାଏ ନାହିଁ । ଶବକୁ ଗୋଟାଏ ବାକ୍ସରେ ବନ୍ଦକରି ଏକ ନିଶ୍ଚିତ ସ୍ଥାନରେ ରଖିଦିଆଯାଏ । ଅନେକ ସମୟରେ ବହୁତ ଗୁଡ଼ାଏ ଶବକୁ ଗୋଟାଏ ବିରାଟ ବାକ୍ସ ମଧ୍ୟରେ ଭର୍ତ୍ତିକରି ରଖିଦିଆଯାଏ । ବାକ୍ସ ଭିତରେ ଶବଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ବାକ୍ସ ଉପରେ ଅନେକଗୁଡ଼ାଏ ବଡ଼ ବଡ଼ ପଥର ରଖିଦିଆଯାଏ । ଏହି ବାକ୍ସ ଭିତରେ ନୂତନ ବସ୍ତ୍ର ତଥା ଭଲ ଭଲ ସୁସ୍ୱାଦୁ ଖାଦ୍ୟ ରଖି ଦିଆଯାଇଥାଏ ।

ଶବ ଏହିପରି ଭାବରେ ଏ ବର୍ଷ ରଖିବା ପରେ ସେଠାରେ ଶବର ଏକ ମୂର୍ତ୍ତି ତିଆରି କରାଯାଏ । ଏହି ମୂର୍ତ୍ତି ତିଆରି କରିବା ସମୟରେ ସେଠାରେ ନୃତ୍ୟ ଗୀତର ମଧ୍ୟ ଆୟୋଜନ କରାଯାଇଥାଏ । ଏହାପରେ ଏହି ନିର୍ମିତ ହୋଇଥିବା ପ୍ରତି ମୂର୍ତ୍ତିଟିକୁ ଯେ କୌଣସି ଏକ ସ୍ଥାନରେ ଠିଆ କରିଦିଆଯାଏ । ସେହି ସ୍ଥାନରେ ପ୍ରତିବର୍ଷ ଏକ ଉତ୍ସବ ପାଳନ କରାଯାଏ । ସେହି ମୂର୍ତ୍ତିଆଗରେ ପ୍ରତିବର୍ଷ ଖାଦ୍ୟ ପରଷାଯାଏ । ଯଦି କେବେ ସେ ଗାଁରେ କୌଣସି ଭୟଙ୍କର ରୋଗ ଦେଖାଦିଏ, ତେବେ ସେହିସବୁ ପ୍ରତିମୂର୍ତ୍ତି ପାଖରେ ବଳି ଦିଆଯାଇଥାଏ ।

ଯୁବକ କାହିଁ ବ୍ୟାନ୍ସର

ଯୁବତୀମାନେ କାହିଁ ବ୍ୟାନ୍ସ କରୁଥିବା କଥା ତୁମେମାନେ ଶୁଣିଥିବ, ତୁମ-

Digitized by srujanika@gmail.com

ମାନଙ୍କ ମଧ୍ୟରୁ କେତେକ ଏହି କାବ୍ରା ଡ୍ୟାନ୍ସ ଦେଖିବାର ସୁଯୋଗ ମଧ୍ୟ ପାଇଥିବ । ମାତ୍ର ଏବେ ଆଉ କୌଣସି ମହିଳାଙ୍କ ଦ୍ୱାରା କାବ୍ରା ଡ୍ୟାନସ ହେଉନାହିଁ । ୟୁରୋପର କେତେକ କ୍ଲବମାନଙ୍କରେ ଏବେ ପୁରୁଷମାନେ ମଧ୍ୟ କାବ୍ରା ଡ୍ୟାନସ କରୁଥିବାର ଖବର ପ୍ରକାଶ ପାଇଛି । ମହିଳାମାନଙ୍କ ଭଳି ପୁରୁଷମାନେ ମଧ୍ୟ ସେମାନଙ୍କ ପୋଷାକ ଗୁଡ଼କ ଉତାରି ନୃତ୍ୟ ମାଧ୍ୟମରେ ଫୋପାଡ଼ ଦେଇଥାନ୍ତି ।

ପୂର୍ବରୁ ପୁରୁଷମାନେ ବା ପୁରୁଷ କ୍ଲବଗୁଡ଼କରେ ଏହି କାବ୍ରାନାଚ ହେଉଥିଲା । ମହିଳାମାନଙ୍କ ଦ୍ୱାରା ଏହି କାବ୍ରା ଡ୍ୟାନସ ଦେଖିବା ପାଇଁ ସାଧାରଣତଃ ପୁରୁଷମାନେ ଅଧିକ ଭିଡ଼ ଜମାଇଥାନ୍ତି । ମାତ୍ର ପୁରୁଷମାନଙ୍କ ଦ୍ୱାରା ଏହି ନାଚ ଦେଖିବା ପାଇଁ ଏବେ ମହିଳା କ୍ଲବଗୁଡ଼କରେ ବହୁସଂଖ୍ୟକ ମହିଳା ଭିଡ କରୁଥିବାର ଦେଖାଯାଉଛି ।

ମୁଖବାଟେ ପ୍ରସବ କରୁଥିବା ବେଙ୍ଗ

ବିଭିନ୍ନ ବିଚିତ୍ର କଥା ତ ଆମେ ପ୍ରାୟ ପ୍ରତ୍ୟେକଦିନ ଶୁଣି ଆସୁଛୁ । କିନ୍ତୁ ଏଭଳି ଏକ ବିଚିତ୍ର କଥା ଆମେ ଏପର୍ଯ୍ୟନ୍ତ ଶୁଣିବାକୁ ପାଇନାହୁଁ । ଏହି ବିଶ୍ୱରେ ଏଭଳି ଏକ ବେଙ୍ଗ ଅଛି ଯିଏ, ନିଜର ପାଟିବାଟେ ଛୁଆ ପ୍ରସବ କରିଥାଏ ।

ଏହି ଆଶ୍ଚର୍ଯ୍ୟଜନକ ବେଙ୍ଗ ଅଷ୍ଟ୍ରେଲିଆର ଦକ୍ଷିଣ ପୂର୍ବ କୁଇନ୍ସଲାଣ୍ଡରେ ଦେଖାଯାନ୍ତି । ଏହାକୁ ଜୀବ ବିଜ୍ଞାନୀମାନେ "ରିହୋବଟ୍ରେକସସଲିସ" ବୋଲି କହିଥାନ୍ତି । ଯେତେବେଳେ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାରେ ବୈଜ୍ଞାନିକ ମାଇକ ଟେଲରଙ୍କ ଏହିକଥା ପ୍ରକାଶ ପାଇଲା, ସେତେବେଳେ ଅଧିକାଂଶ ବୈଜ୍ଞାନିକମାନେ ଏ କଥାକୁ ଅବିଶ୍ୱାସ କରିବାକୁ ଲାଗିଲେ । ଏଣୁ ବୈଜ୍ଞାନିକ ମାଇକ ଟେଲର ଏହି କଥାର ପ୍ରମାଣ କରିବା ପାଇଁ ମୁହଁବାଟେ ପ୍ରସବ କରୁଥିବା ଏହି ଜନ୍ତୁରୁ ଏକ ଫଟୋ ପ୍ରକାଶ କଲେ । ଏହାପରେ ସମସ୍ତେ ଏହାକୁ ବିଶ୍ୱାସ କଲେ ଏବଂ ଏହାର ଗୁରୁତ୍ୱ ସଙ୍ଗେ ସଙ୍ଗେ ବଢ଼ିଗଲା । ସବୁ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାମାନେ ଏ ସଂପର୍କରେ ଆଲୋଚନା କରିବାକୁ ଲାଗିଲେ ।

ସାଧାରଣତଃ ବେଙ୍ଗ ଅଣ୍ଡା ଦେଇଥାଏ, ଏବଂ ପରେ ଏଥିରୁ ଛୁଆହୋଇଥାନ୍ତି ।

ଏଡ଼ଲେଡ ବିଶ୍ୱବିଦ୍ୟାଳୟର ଖ୍ୟାତିସଂପନ୍ନ ବୈଜ୍ଞାନିକ ମାଇକଟେଲର "ରିହୋବଟ୍ରେକସସିଲିସ" ଜାତିର ଏହି ବେଙ୍ଗମାନଙ୍କ ଉପରେ ଗବେଷଣା ଚଳାଇ ଜାଣି ପାରିଥିଲେ ଯେ, ଏହି ଜାତୀୟ ପ୍ରାଣୀମାନଙ୍କ ଶରୀରରେ ମଣିଷମାନଙ୍କ ଶରୀରରେ ହେଉଥିବା ଗର୍ଭ ପ୍ରକ୍ରିୟା ସଂଘଟିତ ହୋଇଥାଏ ।

ରୋଗ ମୁକ୍ତ କରୁଥିବା ସୁଡଙ୍ଗ

ହଙ୍ଗେରୀରେ ଏଭଳି ଏକ ଗୁମ୍ଫା ରହିଛି ଯାହା ସଂପର୍କରେ ଏବେ ବି ଅନେକ କଥା ଶୁଣାଯାଏ । କୁହାଯାଏ ଯେ, ଏହି ଗୁମ୍ଫା ଭିତରକୁ ପଶିଗଲେ ଯେତେ ବଡ଼ ରୋଗ ହୋଇଥିଲେ ମଧ୍ୟ ତାହା ଧୀରେ ଧୀରେ କମିଯିବ । ଯଦି କୌଣସି ସାଧାରଣ ରୋଗ

Digitized by srujanika@gmail.com

ହୋଇଥାଏ, ତେବେ ତାହା ସଙ୍ଗେ ସଙ୍ଗେ କମି ଯାଇଥାଏ । କୁହାଯାଏ ଯେ, ଶ୍ୱାସ ରୋଗୀମାନେ ଯଦି ଏଠାରେ ପ୍ରତିଦିନ ପ୍ରାୟ ଛଅଘଣ୍ଟା ବ୍ୟୟିତ କରନ୍ତି, ତେବେ ଏକ ମାସ ମଧ୍ୟରେ ସେମାନଙ୍କର ଶ୍ୱାସରୋଗ ନିଶ୍ଚିତ ଭାବରେ ଭଲହୋଇଯିବ ।

ହଳ କରୁଥିବା ପକ୍ଷୀ

ଆମେରିକାର ଦକ୍ଷିଣ ପୂର୍ବ ପ୍ରାନ୍ତରେ ଏଭଳି ଏକ ପକ୍ଷୀ ଦେଖାଯାନ୍ତି, ଯେଉଁମାନେ ଚାଷୀଙ୍କୁ ହଳ କରିବାରେ ସାହାଯ୍ୟ କରନ୍ତି । ଯଦିଓ ସେମାନେ ଲଙ୍ଗଳ ଯୋଗ ହୋଇ ବଳଦଙ୍କ ଭଳି ଟାଣନ୍ତି, ତଥାପି ସେମାନେ ନିଜର ଥଣ୍ଟଦ୍ୱାରା ମାଟିକୁ ଖୁମ୍ପି ଖୁମ୍ପି ଏପରି ଖୋଳି ପକାନ୍ତି ଯେ, ଯାହା ହଳକରିବା ସହ ସମାନ ହୋଇଥାଏ । ଏହି ପକ୍ଷୀମାନେ କ୍ଷେତର ମାଟିଖୋଳି ସେଥିରୁ ବିଭିନ୍ନ ପ୍ରକାରର ପୋକଜୋକ ଖାଇଥାନ୍ତି । ଅନେକ ସମୟରେ ଗୋଟିଏ ରାତି ମଧ୍ୟରେ ଏହି ପକ୍ଷୀମାନେ ପ୍ରାୟ ଗୋଟିଏ ଗୋଟିଏ ଅଞ୍ଚଳ ଖୋଳି ପକାଇ ଥାନ୍ତି । ଏକ ହିସାବରୁ ଜଣାଯାଇଛି ଯେ, ଆମେରିକାର ଦକ୍ଷିଣ ପୂର୍ବ ଅଞ୍ଚଳରେ ଚାଷୀଙ୍କୁ ତାର ହଳରେ ସାହାଯ୍ୟ କରୁଥିବା ଏହି ପକ୍ଷୀମାନଙ୍କର ସଂଖ୍ୟା ହେଲା ୫,୦୦୦,୦୦୦ । ଏମାନେ କୌଣସି ପ୍ରକାର ଶସ୍ୟ ଖାଆନ୍ତି ନାହିଁ । ଏମାନେ କେବଳ ମାଟି ତଳର ପୋକଜୋକ ଖାଇ ବଂଚିଥାନ୍ତି ।

ଓଡ଼ିଶାରେ ପ୍ରତି ହଜାରରେ ପ୍ରାୟ ୧୧ ଜଣ କୁଷ୍ଠରୋଗୀ

ଦେଶରେ ୧୯୮୪-୮୫ ମସିହା ମଧ୍ୟରେ ଆଉ ୨୫ଟି ଜିଲ୍ଲାରେ କୁଷ୍ଠରୋଗର ନିରାକରଣ ପାଇଁ ମଲ୍ଟି ଡ୍ରଗ୍ ରେଜିମେଣ୍ଟ ଚିକିତ୍ସା ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ । ତନ୍ମଧ୍ୟରୁ 'ଉଇନିସେଫ୍'ର ଆର୍ଥିକ ସହାୟତାରେ ଓଡ଼ଶାର ପୁରୀ ଜିଲ୍ଲା ସମେତ ଦେଶର ଅନ୍ୟ ଛଅଟି ରାଜ୍ୟରେ ଉକ୍ତ ଚିକିତ୍ସା ପ୍ରଣାଳୀ ପ୍ରବର୍ତ୍ତନ କରାଯିବା କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

କଥିତ ସମୟ ମଧ୍ୟରେ ୪.୯ ଲକ୍ଷ ରୋଗୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୩. ୬୩ ଲକ୍ଷ ରୋଗୀଙ୍କୁ କୁଷ୍ଠ ରୋଗମୁକ୍ତ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିରେ ପ୍ରକାଶ କରାଯାଇପାରେ ଯେ, ଉକ୍ତ ମଲଟି ଡ୍ରଗ ରେଜିମେଣ୍ଟର ବ୍ୟବସ୍ଥା ଦେଶରେ ୧୯୮୧ ମସିହା ଅକ୍ଟୋବର ମାସରେ ଆରମ୍ଭ କରାଯାଇ ପ୍ରଥମ ପର୍ଯ୍ୟାୟରେ ଓଡ଼ଶାରେ ଗଞ୍ଜାମ ଜିଲ୍ଲା ସମେତ ଅନ୍ୟ ୫ଟି ରାଜ୍ୟରେ ପ୍ରଚଳିତ କରାଯାଇଥିଲା ।

ପୃଥିବୀରେ ମୋଟ୍ ୧୬ ନିୟୁତ କୁଷ୍ଠରୋଗୀଙ୍କ ମଧ୍ୟରୁ ଭାରତରେ ୩ ନିୟୁତ ୨୦ ଲକ୍ଷ ହଜାର କୁଷ୍ଠ ରୋଗୀ ଅଛନ୍ତି । ତନ୍ମଧ୍ୟରୁ ଶତକଡ଼ା ୧୫ରୁ ୨୦ ଭାଗ ସଂକ୍ରାମକ ରୋଗୀ, ଶତକଡ଼ା ୨.୫ ଭାଗ ପଙ୍ଗୁ ଅବସ୍ଥାରେ ବିଭିନ୍ନ ପର୍ଯ୍ୟାୟରେ ଏବଂ ଶତକଡ଼ା

Digitized by srujanika@gmail.com

୨୦ଭାଗ କମ ବୟସ୍କ ବାଳକ ବାଳିକା ଥିବା ବିଷୟ ୧୯୭୧ ମସିହାରେ ନିଆଯାଇଥିବା ସମୀକ୍ଷାରୁ ଜଣାଯାଏ ।

ହୃତ୍‌ପିଣ୍ଡ ପରିବର୍ତ୍ତନ କାରୀଙ୍କ ପର୍ବତ ଆରୋହଣ

ନିଜର ହୃତ୍‌ପିଣ୍ଡ ପରିବର୍ତ୍ତନ କରିଥିବା ଜିମତ କଲି ନାମକ ଇଂଲଣ୍ଡର ଜଣେ ୫୦ ବର୍ଷ ବୟସର ବ୍ୟକ୍ତି ଇଂଲଣ୍ଡର ୩ଟି ଉଚ୍ଚତମ ପର୍ବତ ମାତ୍ର ୭୨ ଘଣ୍ଟା ମଧ୍ୟରେ ଆରୋହଣକରି ଏକ ଅଭୂତପୂର୍ବ ସଫଳତା ଲାଭ କରିଛନ୍ତି । ସେ ୪ବର୍ଷ ତଳେ ତାଙ୍କର ହୃତ୍‌ପିଣ୍ଡ ପରିବର୍ତ୍ତନ କରି ନିଜ ଶରୀରରେ ଅନ୍ୟ ଏକ ହୃତ୍‌ପିଣ୍ଡ ଲଗାଇଥିଲେ ଏବଂ ହୃତ୍‌ପିଣ୍ଡ ବଦଳାଇବା ପରେ ଦୀର୍ଘଦିନ ବଂଚିବା ଭିତରେ ସେ ହେଉଛନ୍ତି ଲଣ୍ଡନର ପ୍ରଥମ ବ୍ୟକ୍ତି ।

ଅନ୍ଧ ମହିଳାଙ୍କ ଏଭରେଷ୍ଟ ଆରୋହଣ ଆଶା

ଇଂଲଣ୍ଡର ଜଣେ ଅନ୍ଧ ମହିଳା ବିଶ୍ୱର ଉଚ୍ଚତମ ଶୃଙ୍ଗ ଏଭରେଷ୍ଟର କିଛି ଅଂଶ ଆରୋହଣ କରିବା ପାଇଁ ଉଦ୍ୟମ କରିବେ ବୋଲି ଜଣାପଡ଼ିଛି । ସେ କିରାଣି ରୂପେ କାର୍ଯ୍ୟ କରନ୍ତି ଓ ତାଙ୍କର ନାମ ଜୁଲି ଓନଲି । ଅନ୍ୟଜଣେ ପର୍ବତ ଆରୋହିଣୀ ଏଲେନ୍ ବ୍ରୁକ୍‌ଙ୍କ ସହ ଆସନ୍ତା - ନଭେମ୍ବରରେ ଏଭରେଷ୍ଟ ଆରୋହଣ ଅଭିଯାନ ଆରମ୍ଭ କରିବେ । ସେମାନେ ୧୭୫୦୦ ଫୁଟ ଉଚ୍ଚତାରେ ଥିବା ଏଭରେଷ୍ଟ ବେସ୍‌ଷ୍ଟେସନ୍ ପର୍ଯ୍ୟନ୍ତ ଯିବାର କାର୍ଯ୍ୟକ୍ରମ ରହିଛି । ୨୯୦୨୮ ଫୁଟ୍ ଉଚ୍ଚତା ବିଶିଷ୍ଟ ଏଭରେଷ୍ଟ ଶୃଙ୍ଗର ଏହା ହେଉଛି ଅର୍ଦ୍ଧାଧିକ ଉଚ୍ଚତା ।

ପ୍ରାୟ ୫ ମାସ ବ୍ୟାପି ହିମାଳୟ ଅଭିଯାନ ଶେଷକରି ଫେରି ଆସିଥିବା ଏଲେନ୍ ବ୍ରୁକ୍ କୁହନ୍ତି ଯେ, ଜୁଲି ଓନଲି ଅନ୍ଧୁଣୀ ହେଲେ ମଧ୍ୟ ତାଙ୍କର ଅସାଧାରଣ ଚେତନା ଶକ୍ତି ରହିଛି ଯାହା ଦୃଷ୍ଟିଶକ୍ତିର ଅଭାବ ପୂରଣ କରିପାରିବ । ଜୁଲି ଓନଲି ଯେ ନିଶ୍ଚିତ ଏହି ଅଭିଯାନରେ ସଫଳ ହେବେ ଏଥିରେ ବ୍ରୁକ୍‌ଙ୍କର ସନ୍ଦେହ ନାହିଁ ।

ବୋଇଂ ବିମାନରେ ରେଷ୍ଟୋରାଁ

ମାଲେସିଆର ଏକ ଘରୋଇ କମ୍ପାନୀ ଗୋଟିଏ ବୋଇଂ ବିମାନକୁ ରେଷ୍ଟୋରାଁ (ଭୋଜନାଗାର) ରୂପେ ବ୍ୟବହାର କରୁଥିବା ଜଣାପଡ଼ିଛି । ଏହି ବିମାନଟିକୁ ସଂପୃକ୍ତ କମ୍ପାନୀ ମାଲେସିଆ ମୁଦ୍ରାରେ ୧୦ ହଜାର ଡଲାର ଦେଇ ବେସାମରିକ ବିମାନ ଚଳ ଚଳ ବିଭାଗ ଠାରୁ କିଣିଥିଲେ । ବିମାନଟି ୧୯୭୯ ମସିହାରେ କୁଆଲାଲୁମ୍ପୁର ବିମାନ ବନ୍ଦରରେ ଅବତରଣ କରିବାପରେ ଏଥିରେ ବହୁ ଯାନ୍ତ୍ରିକ ଗଣ୍ଡଗୋଳ ଦେଖାଦେବାରୁ ଏହା ଅଚଳ ହୋଇ ପଡ଼ିଥିଲା । ତେଣୁ କର୍ତ୍ତୃପକ୍ଷ ଏହାକୁ ବିକ୍ରି କରି ଦେଇଥିଲେ ।

Digitized by srujanika@gmail.com

ସ୍ମରଣୀୟ ଘଟଣାବଳୀ

ଜାନୁୟାରୀ

୧.୧. ନିରାପତ୍ତା ପରିଷଦରେ ଭାରତ ୨ବର୍ଷ ପାଇଁ ସଦସ୍ୟରୂପେ ଯୋଗ ଦେଲା ।

୩.୧ ଆଣବିକ ଶକ୍ତିରେ ଆତ୍ମନିର୍ଭରଶୀଳ କରିବାକୁ ବୈଜ୍ଞାନିକମାନଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଆହ୍ୱାନ ।

୭.୧ ଲୌହ ପିଣ୍ଡ ରପ୍ତାନି ହ୍ରାସ ଯୋଗୁଁ ପାରାଦ୍ୱୀପ ବନ୍ଦର କ୍ଷତିର ସମ୍ମୁଖୀନ ।

ହରେକୃଷ୍ଣ ମହତାବ ୧୯୮୩ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଲେ ।

୧୨.୧. ବାରବାଟୀ ଷ୍ଟାଡ଼ିୟମରେ ପୂର୍ବାଞ୍ଚଳ ଉତ୍ତରାଞ୍ଚଳ ଦୁଲିପ ଟ୍ରଫି ସେମିଫାଇନାଲ ଖେଳ ଆରମ୍ଭ ।

୧୭.୧. ଓଡ଼ିଶାର ୯ ଦିନିଆ ପଞ୍ଚାୟତ ନିର୍ବାଚନ ଆରମ୍ଭ ।

୧୮.୧. ରାଉରକେଲା ଇସ୍ପାତ କାରଖାନା ସିଲିକନ ଇସ୍ପାତ କାରଖାନା ପ୍ରକଳ୍ପ ଉଦ୍‌ଘାଟିତ ।

୨୦.୧. ନନ୍ଦନ କାନନରେ ସିଂହ ସଫାରୀ ଉଦ୍‌ଘାଟିତ ।

୨୪.୧. ୧୯୮୪-୮୫ ପାଇଁ ଓଡ଼ିଶାର ୪୦୦କୋଟି ଟଙ୍କାର ଯୋଜନା ଅଟକଳ । ରାଜ୍ୟର ମୋଟ ପଞ୍ଚଯୋଜନା ପୁଂଜି ସ୍ଥିରୀକୃତ ।

୩୧.୧. ଓଡ଼ିଶାର ସନତ ମିଶ୍ର ଜାତୀୟ ବ୍ୟାଡମିଣ୍ଟନ ଫାଇନାଲକୁ ଉନ୍ନୀତ ।

ଫେବୃୟାରୀ

୧.୨. ବିଶିଷ୍ଟ ଶିକ୍ଷାବିତ୍ ବୈଦ୍ୟନାଥ ରଥଙ୍କ ପରଲୋକ ।

୬.୨. ଭୂତପୂର୍ବ ମନ୍ତ୍ରୀ ଏବଂ ଏମ.ପି ରାଧାକୃଷ୍ଣ ବିଶ୍ୱାସରାୟଙ୍କ ପରଲୋକ ।

୧୧.୨ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ଦଳ ବଦଳ । ସୋମନାଥ ରଥ ନୂତନ କ୍ୟାବିନେଟ ମନ୍ତ୍ରୀ ଦୟାନିଧି ନାୟକଙ୍କୁ ବାଦ ଦିଆଗଲା ।

୧୯.୨. ତାଳଚେର ସମ୍ବଲପୁର ରେଳପଥ ନିର୍ମାଣକୁ ଯୋଜନା କମିଶନଙ୍କ ଅନୁମୋଦନ ।

୨୨.୨. ଓଡ଼ିଶା ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ।

୧୯୮୪ ଅପ୍ରେଲ ସୁଦ୍ଧା ଓଡ଼ିଆ ସରକାରୀ ଭାଷା ହେବାପାଇଁ ନିଷ୍ପତ୍ତି ।

୨୩.୨. ଭୁବନେଶ୍ୱରର ରେଳବାଇ ସର୍ଭିସ କମିଶନ କାର୍ଯ୍ୟାଳୟ ଉଦ୍‌ଘାଟିତ ।

୨୨.୨. ଶିଳ୍ପ ପ୍ରଦର୍ଶନୀ—ଓଡ଼ିଶା–୮୪ ଉଦ୍‌ଘାଟିତ ।

୨୮.୨. ବିଶିଷ୍ଟ ବୈଜ୍ଞାନିକ କେ: ଏସ୍: ମୂର୍ତ୍ତିଙ୍କ ପରଲୋକ ।

Digitized by srujanika@gmail.com

ମାର୍ଚ୍ଚ

୧. ୩. ଗୋପିନାଥ ମହାନ୍ତି ପ୍ରତିଷ୍ଠା ବୃତ୍ତି ପାଇବା ପାଇଁ ମନୋନୀତ ।
୩, ୩. ପାରାଦୀପ ଫସଫେଟ କାରଖାନାକୁ ୪୦ କୋଟି ଟଙ୍କା ସାହାଯ୍ୟ ।
୧୯ ୩: ପାରାଦୀପ ବନ୍ଦରରେ ଉତ୍ତ୍ୟକ୍ତ ଶ୍ରମିକଙ୍କ ଆକ୍ରମଣରେ ୪ଜଣ ପୁଲିସ ନିହତ ।
୨୮ ୩. ବିଧାନ ସଭାରେ ୧୯ ୪ ଖର୍ଚ୍ଚଦାବୀ ଗୃହୀତ ।
୨୯ ୩ ରାଜ୍ୟ ସଭାକୁ ଓଡ଼ିଶାରୁ ୪ଜଣ ପ୍ରାର୍ଥୀ ନିର୍ବାଚିତ ।

ଅପ୍ରେଲ

୨. ୪. ସମ୍ବଲେଶ୍ୱରୀ ଏକ୍ସପ୍ରେସ୍ ସମ୍ବଲପୁର କଲିକତା ଭିତରେ ଚାଲିଲା ।
୩. ୪. ରାଜ୍ୟ ମେଡ଼ିକାଲ କଲେଜରେ ଛାତ୍ର-ଡାକ୍ତରଙ୍କ ପ୍ରତୀକ-ଧର୍ମଘଟ ।
୪ ୪ ବିଦ୍ୟୁତ କିଣାରେ ହେରଫେର ।
୫. ୪. ରାଜ୍ୟ ବିଧାନ ସଭାର ବଜେଟ ଅଧିବେଶନ ସମାପ୍ତ ।
୮. ୪. ପ୍ରବୀଣ ସାମ୍ବାଦିକ ଶ୍ରୀହର୍ଷ ମିଶ୍ରଙ୍କ ପରଲୋକ ।

ଜୁନ

୩ ୬ ସବୁଠାରୁ କର୍ମଦକ୍ଷ ବିକଳାଙ୍ଗ ବ୍ୟକ୍ତିଭାବେ ଶ୍ରୀମତୀ ରତ୍ନା ଦେବୀଙ୍କ ଜାତୀୟ ପୁରସ୍କାର ଲାଭ ।
୭ ୬. ଆମାଶୟ ରୋଗ ୫ଟି ଜିଲ୍ଲାରେ ମହାମାରୀ ଆକାର ଧାରଣ କଲା । ଏଥିରେ ମୃତ ସଂଖ୍ୟା ୧୩୪ ।
୨୪.୬ ଖ୍ୟାତନାମା ଗାନ୍ଧିବାଦୀ ନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ପରଲୋକ ।

ଜୁଲାଇ

୧୪. ୭. ବୁର୍ଲାଠାରେ ଇଞ୍ଜିନିୟରିଂ କଲେଜ ଛାତ୍ର ଓ ବ୍ୟବସାୟୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୪ ଜଣ ଛାତ୍ରଙ୍କ ମୃତ୍ୟୁ ।
୨୧. ୭ ରେଙ୍ଗାଲି ବନ୍ଧ ନିର୍ମାଣ ସଂପର୍କରେ ଓଡ଼ିଶା ସରକାରଙ୍କ ଉପରେ ନୋଟିସ ।
୨୦. ୭: ଓଡ଼ିଶା ସମେତ ୧୦ଟି ନିଅଣ୍ଟିଆ ରାଜ୍ୟ ଆସନ୍ତା ୪ ବର୍ଷରେ କେନ୍ଦ୍ରରୁ ୧୫୫୫ କୋଟି ଟଙ୍କା ସାହାଯ୍ୟ ପାଇବେ ।

ଅଗଷ୍ଟ

୧. ୮. ପାରଳାଖେମୁଣ୍ଡି ମହାରାଜା ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତିଙ୍କ ସମ୍ମାନାର୍ଥେ ଏକ ସ୍ୱତନ୍ତ୍ର ଲଫାପା ଉନ୍ମୋଚିତ ।
୩. ୮. କୋରାପୁଟ ଓ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବର୍ଷା, ବନ୍ୟା; ବହୁ ଫସଲ ନଷ୍ଟ ।
୪. ୮. ରାଜଧାନୀରେ ଛାତ୍ର ବିକ୍ଷୋଭ ।

Digitized by srujanika@gmail.com

୫, ୮. ସାମ୍ବାଦିକମାନଙ୍କ ଉପରେ ପୁଲିସର ବର୍ବରୋଚିତ ଆକ୍ରମଣ ଯୋଗୁଁ ଏହାର ପ୍ରତିବାଦକରି ସମସ୍ତ ସମ୍ବାଦପତ୍ର ପ୍ରକାଶନ ବନ୍ଦ ।

୧୨ ୮. ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବନ୍ୟା । ୩ କୋଟି ଟଙ୍କାର ସଂପତ୍ତି ନଷ୍ଟ ।

୧୩. ୮. ବିରୋଧୀ ଦଳମାନଙ୍କ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ।

୧୫ ୮ ସ୍ୱାଧୀନତା ଦିବସ ପାଳନ ।

୨୦. ୮ ପ୍ରବଳ ବନ୍ୟାରେ ୫ ଲକ୍ଷ ଲୋକ ବିପନ୍ନ, ୧୧ ଜଣଙ୍କର ମୃତ୍ୟୁ ।

୨୫. ୮. ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୨କୁ ବୃଦ୍ଧି ।

ସେପ୍‌ଟେମ୍ବର

୧, ୯. ରାଜ୍ୟର ୨୫ ହଜାର ଝାଡ଼ୁଦାର ମେହେନ୍ତର ଏବଂ ଅନ୍ୟାନ୍ୟ ସ୍ୱଳ୍ପ ବେତନ ଶ୍ରେଣୀ କର୍ମଚାରୀଙ୍କୁ ପେନ୍‌ସନ ଘୋଷଣା ।

୫. ୯, ବିଧାନସଭା ଅଧିବେଶନ ଆରମ୍ଭରେ ବୁଲ୍‌ଘଟଣା ଓ ଓଡ଼ିଶା ବନ୍ଦ ସମୟରେ ହୋଇଥିବା ଗଣ୍ଡଗୋଳକୁ ନେଇ ପ୍ରବଳ ହଟ୍ଟଗୋଳ ।

୬ ୯ ବୁଲ୍‌ଘଟଣା ପାଇଁ ଉଚ୍ଚସ୍ତରୀୟ ତଦନ୍ତ କମିଶନ ବସାଇବା ପାଇଁ ଛାତ୍ର କ୍ରିୟାନୁଷ୍ଠାନର ଦାବୀ ।

୧୪ ୯. ସମ୍ବଲପୁର, ତାଳଚେର ରେଳପଥର ଶିଳାନ୍ୟାସ ।

୨୦. ୯ ସ୍ୱାଧୀନ ବିଧାୟକ ବାଳଗୋପାଳ ମିଶ୍ରଙ୍କୁ ହତ୍ୟା ଉଦ୍ୟମ । ଶ୍ରୀ ମିଶ୍ର ଗୁରୁତର ଭାବେ ଆହତ ।

୨୧ ୯. କାଠମାଣ୍ଡୁଠାରେ ପ୍ରଥମ ଦକ୍ଷିଣ ଏସିଆ ଫେଡେରେସନ କ୍ରୀଡ଼ାରେ ଓଡ଼ିଶାର ହେମନ୍ତ ପଟେଲଙ୍କ ଲଙ୍ଗ ଜମ୍ପରେ ସ୍ୱର୍ଣ୍ଣ ପଦକ ହାସଲ ।

୨୬ ୯, ନୃସିଂହ ନାଥ ମନ୍ଦିରରୁ ମୁଗୁନି ପଥର ପ୍ରତିମା ଚୋରୀ ।

୨୭ ୯. ଗତ ଦୁଇ ବର୍ଷରେ ଓ ଆର, ଟି.ର ସାଢ଼େ ୬କୋଟି ଟଙ୍କା କ୍ଷତି ।

ଅକ୍‌ଟୋବର

୩. ୦୦. ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ନିଷ୍ପତ୍ତି ।

୫. ୦୦ ବାଲେଶ୍ୱରରେ ଦୁର୍ଗା ଭସାଣି ବେଳେ ସଂଘର୍ଷ : ୧୪୮ ଆହତ ।

୭: ୦୦ ବନ୍ୟା ମରୁଡ଼ି ପାଇଁ ଓଡ଼ିଶାକୁ କେନ୍ଦ୍ରର ପାଞ୍ଚକୋଟି ଟଙ୍କା ସାହାଯ୍ୟ ।

୧୦ ୦୦ ପୂର୍ବତନ ମନ୍ତ୍ରୀ ବୃନ୍ଦାବନ ନାୟକଙ୍କ ପରଲୋକ ।

୧୫. ୦୦· ଭୁବନେଶ୍ୱରରେ ଆନ୍ତର୍ଜାତୀୟ ଧାନ ଗବେଷଣା ସମ୍ମିଳନୀ ଆରମ୍ଭ ।

୧୭. ୦୦ ଓଡ଼ିଆ ଚଳଚ୍ଚିତ୍ର "ମାୟାମିରିଗ" ମ୍ୟାନ ହାଇମ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ପୁରସ୍କୃତ ।

Digitized by srujanika@gmail.com

୧୮: ୦୦ ପାରାଦୀପ ବନ୍ଦର ପାଇଁ କେନ୍ଦ୍ରରୁ ଏକକୋଟି ଟଙ୍କା ମଞ୍ଜୁର ।
୨୯: ୦୦. ଇନ୍ଦିରା ଗାନ୍ଧିଙ୍କ ଦୁଇ ଦିନିଆ ଓଡ଼ିଶା ଗସ୍ତ ଆରମ୍ଭ ।
ସର୍ଫିତଳା ଗୋଳା ବାରୁଦ କାରଖାନା ଉଦ୍‌ଘାଟିତ ।
୩୧: ୦୦ ଦଇତାରୀ ପ୍ରକଳ୍ପ ୭ମ ଯୋଜନାର ଅନ୍ତର୍ଭୁକ୍ତ ହେବ ବୋଲି ଘୋଷଣା ।
ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧି ତାଙ୍କ ଦୁଇ ଶିଖ ନିରାପତ୍ତା ରକ୍ଷୀଙ୍କ ଗୁଳିରେ ନିହତ ।

ନଭେମ୍ବର

୨. ୧୧ ଶ୍ରୀମତୀ ଗାନ୍ଧିଙ୍କ ମୃତ୍ୟୁରେ ରାଜ୍ୟବ୍ୟାପୀ ଶୋକଛାୟା, କେତେକ ସ୍ଥାନରେ ଗଣ୍ଡଗୋଳ ।
୪. ୧୧. ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ବନମାଳୀ ମିଶ୍ରଙ୍କ ପରଲୋକ ।
୫. ୧୧ କେନ୍ଦ୍ର ମନ୍ତ୍ରୀମଣ୍ଡଳରୁ ରାଷ୍ଟ୍ରମନ୍ତ୍ରୀ ରାମଚନ୍ଦ୍ର ରଥଙ୍କୁ ବାଦ ଦିଆଗଲା ।
୬ ୧୧. ଇନ୍ଦିରା ଗାନ୍ଧିଙ୍କ ଚିତାଭସ୍ମ ଓଡ଼ିଶା ଆସିଲା ।
୨୬ ୧୧. ଓଡ଼ିଶାର ପୂର୍ବତନ ପ୍ରଥମ ମୁଖ୍ୟ ଶାସନ ସଚିବ ନୀଳମଣି ସେନାପତିଙ୍କ ପରଲୋକ ।

ଡିସେମ୍ବର

୧. ୧୨ ଲୋକସଭା ନିର୍ବାଚନ ପାଇଁ ୨୨ଟି ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ସିଦ୍ଧାନ୍ତ ଗ୍ରହଣ ।
୨୦. ୧୨. ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ବିନୋଦ ରାଉତରାୟ ସର୍ବଭାରତୀୟ ସ୍ତରରେ ପୁରସ୍କୃତ ।
୨୪. ୧୨. ଓଡ଼ିଶାର ୨୧ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ।
୨୮. ୧୨. ନିର୍ବାଚନରେ ୨୧ଟି ଆସନରୁ ୨୦ଟି ଆସନରେ କଂଗ୍ରେସର ବିଜୟ ।

ଟଙ୍କାର ବର୍ତ୍ତମାନ ମୂଲ୍ୟ

୧୯୬୦ ମସିହାକୁ ଭିତ୍ତିବର୍ଷ ବୋଲି ଗ୍ରହଣ କରଯାଇ, ହିସାବ କରାଯାଇଛି ଯେ, ବର୍ତ୍ତମାନ ସର୍ବଭାରତୀୟ ସ୍ତରରେ ଏକଟଙ୍କାର ପ୍ରକୃତ ମୂଲ୍ୟ ୧୮ଦଶମିକ ୫୯ ପଇସା, ୧୦ ଲକ୍ଷ ଲୋକଙ୍କୁ ଅଧିକ ଲୋକ ବାସ କରୁଥିବା ବିଭିନ୍ନ ମହାନଗରୀ ମଧ୍ୟରେ କଲିକତାରେ ଏହାର ମୂଲ୍ୟ ସର୍ବାଧିକ ୨୧ ଦଶମିକ ୬୯ ପଇସା ବୋଲି ଜଣାପଡ଼ିଛି । କଲିକତା ବ୍ୟତୀତ ଅନ୍ୟାନ୍ୟ ମହାନଗରୀ ମଧ୍ୟରେ ମାନ୍ଦ୍ରାଜରେ ଏହାର ମୂଲ୍ୟ ବର୍ତ୍ତମାନ ୧୭ ଦଶମିକ ୩୩ ପଇସା, ବମ୍ବେରେ ୧୮ ଦଶମିକ ୪୮ ପଇସା ଓ ଦିଲ୍ଲୀରେ ୧୯ଦଶମିକ ୩୪ ପଇସା, ହାଇଦ୍ରାବାଦରେ ଏହାର ପ୍ରକୃତ ମୂଲ୍ୟ ବର୍ତ୍ତମାନ ୧୭ଦଶମିକ ୮୯ ପଇସା ରହିଛି । ବାଙ୍ଗାଲୋରରେ ଏହା ୧୮ ଦଶମିକ ୩୨ ପଇସା, ନାଗପୁରରେ ୧୮ ଦଶମିକ

Digitized by srujanika@gmail.com

୬୬ ପଇସା, କାନପୁରରେ ୧୮ଦଶମିକ ୮୦ ପଇସା,ପୁନାରେ ୧୮ଦଶମିକ ୯୮ ପଇସା, ଲକ୍ଷ୍ନୌରେ ୧୮ଦଶମିକ ୧୦ ପଇସା ଓ ଅହମଦାବାଦରେ ଏହା ୧୯ଦଶମିକ ୪୫ ପଇସା କୁ ଖସି ଆସିଛି । ଏହି ସବୁ ନଗରୀମାନଙ୍କ ମଧ୍ୟରେ ବାର୍ଷିକ ମୁଦ୍ରାସ୍ଫୀତି ଦ୍ୱାରା ହାଇଦ୍ରାବାଦରେ ସର୍ବାଧିକ ଓ ପୁନାରେ ସର୍ବନିମ୍ନ । ଏହି ସମୟରେ ସର୍ବଭାରତୀୟ ସ୍ତରରେ ଏହା ଶତକଡା ୮.୬ ସ୍ତରରେ ପହଂଚିଛି ।

ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

ଚଳିତ ବର୍ଷପାଇଁ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀ ବାଳକୃଷ୍ଣ ଦାସ (ସଙ୍ଗୀତ ସୁଧାକର) ଓଡ଼ିଶୀ ସଙ୍ଗୀତ ପାଇଁ କେଂଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଛନ୍ତି । ଏହି ପୁରସ୍କାର ବାବଦକୁ ଶ୍ରୀ ଦାସ ନଗଦ ଦଶ ହଜାର ଟଙ୍କା ଏବଂ ଏକ ତାମ୍ର ପତ୍ର ପାଇବେ ।

ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିବା ଅନ୍ୟ ଭାରତୀୟ ଶିଳ୍ପୀମାନେ ହେଲେ ଏନ୍ ରମଣି (ବଂଶୀ), ଏନ୍, ଶାନ୍ତାନମ୍, (କଣ୍ଠସଙ୍ଗୀତ) ସଗପତ ହୁସେନ ଖାଁ (ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ) କିଷନ ମହାରାଜ (ତବଲା) ସହାର ସାକଲେ (ମରାଠୀ ଲୋକ ସଙ୍ଗୀତ) ଶ୍ରୀମତୀ ସୁରୀନ୍ଦର କାଉର (ପଞ୍ଜାବୀ ଲୋକସଙ୍ଗୀତ,ଶ୍ରୀମତୀ,ଏସ, ଶାରଦା (ଭରତ ନାଟ୍ୟମ); ଶ୍ରୀମତୀ ସୁଧାରାଣୀ ରଘୁପତି (ଭରତ ନାଟ୍ୟମ୍) ଦୁର୍ଗାଲାଲ (କଥକ) ସିଂହଜିତ (ନୃତ୍ୟନାଟିକା) ବସନ୍ତ କାନେଟକର (ମରାଠୀ ନାଟ୍ୟକାର) କୁମାରୀ ଉତ୍ତରା କାଉକର (ଅଭିନୟ) ରାଜାରାମ ରାଉକଦମ (ମରାଠୀ ଲୋକ ନାଟକ) ଶ୍ରୀମତୀ ଶଲ୍ଲର କାଲ (କୈଁଥରୀ) ।

ବିଷାକ୍ତ ଗୁଣ ନ ଥିବା ମଶା ନାଶକ ଔଷଧ

ଓ୍ୱାଶିଂଟନର ନାଭାଲ ରିସର୍ଚ୍ଚ ଲାବୋରେଟରୀ ଠାରେ ଅବସ୍ଥାପିତ ଉଇଲିୟମ ଓ ଗାରେଟ ଏକ ନୂତନ ପ୍ରକାରର ବିଷାକ୍ତ ଗୁଣ ନ ଥିବା ମଶାନାଶକ ଔଷଧ ଉଦ୍ଭାବନ କରିଛନ୍ତି ।

ଏହି କୀଟାଣୁନାଶକ ବିଭିନ୍ନ ପରୀକ୍ଷା କରିବା ପରେ ଏହା ବ୍ୟବସାୟିକ ଭିତ୍ତିରେ ବ୍ୟବହୃତ ପାଇଁ ଉପଯୋଗୀ ବିବେଚିତ ହୋଇଛି । ଏହି ପଦାର୍ଥଟିର ରାସାୟନିକ ନାମ ଆଇସୋଷ୍ଟେରିଲ ଆଲକୋହଲ ।

ରାସାୟନିକ ପଦାର୍ଥଟି ପାଣି ଉପରେ ଅଣୁ ବିଶିଷ୍ଟ ଏକ ସରଳ ଆସ୍ତରଣ କରିଦିଏ ଏବଂ ପ୍ୟୁପା ଓ ଲର୍ଭାର ପ୍ରଶ୍ୱାସ ନଳୀକୁ ବନ୍ଦ କରିଦିଏ । ଫଳରେ ସେମାନଙ୍କର ନିଶ୍ୱାସ ବନ୍ଦ ହୋଇଯିବା ହେତୁ ସେମାନେ ପାଣିରେ ବୁଡ଼ି ମରିଯାଆନ୍ତି । ଏହି ମଶା ନାଶକ ଔଷଧକୁ ପରୀକ୍ଷା କ୍ଷେତ୍ରରେ ପ୍ରୟୋଗ କରି ଦେଖାଯାଇଛି ଯେ, ଅନ୍ୟ କୌଣସି ଜୀବନ ହାନି ନକରି କେବଳ ମଶାମାନଙ୍କୁ ମାରିବାରେ ଏହା ସଫଳ ହୋଇଥାଏ ।

Digitized by srujanika@gmail.com

ବିଦ୍ୟୁଷଣର ବିଲାତି ବାଇଗଣ ଗଛ ଉପରେ ପ୍ରଭାବ

ବରୋଦା'ର ଦୁଇଜଣ କୃଷି ବିଜ୍ଞାନୀଙ୍କ ଗବେଷଣାରୁ ଜଣାପଡ଼ିଛି ଯେ, ଶିଳ୍ପ ଭିତ୍ତିକ ବିଦ୍ୟୁଷଣ ହେତୁ ବିଲାତି ବାଇଗଣ ଗଛର ବୃଦ୍ଧି ବାଧାପ୍ରାପ୍ତ ହୁଏ ।

ବରୋଦାର ଦୂଷିତ (Polluted) ଅଞ୍ଚଳମାନଙ୍କରେ ଚାଷ କରାଯାଉଥିବା ବିଲାତି ବାଇଗଣ (ପ୍ରାୟ ୭୫ଦିନର) ଗଛମାନଙ୍କୁ ନେଇ ପରୀକ୍ଷାକରି ଦେଖାଯାଇଛି ଯେ, ବାୟୁର ଦୂଷିତକରଣ ହେତୁ ଗଛମାନଙ୍କର ଶାଖା ପ୍ରଶାଖା ଉଚ୍ଚତା, କାଣ୍ଡର ବ୍ୟାସ ଏବଂ ମଂଜିର ଓଜନ ପ୍ରଭୃତି ହ୍ରାସ ପାଏ ।

ସହରର ରାସାୟନିକ ଏବଂ ଅନ୍ୟାନ୍ୟ ଶିଳ୍ପମାନଙ୍କ ନିକଟରେ ଥିବା ପନିପରିବା ଗଛର କ୍ଷତି ସଂପର୍କରେ ଅନୁଧ୍ୟାନକରି ପରୀକ୍ଷାମୂଳକଭାବେ ୭ଟି ବାୟୁ ବିଦ୍ୟୁଷିତ ଅଞ୍ଚଳ ନିରୂପଣ କରାଯାଇଛି । ଦୂଷିତ କିରଣର ଉତ୍ସ ବାୟୁର ଦିଗ, ବାୟୁର ଗତି, ବାୟୁର ଗନ୍ଧକୀକରଣ ହାର ଉପରେ ଭିତ୍ତିକରି ଏହା ଅଞ୍ଚଳମାନ ନିର୍ଦ୍ଧାରଣ କରାଯାଇଛି ।

ବରୋଦାର ମହାରାଜା ସାୟାଜିରାଓ ବିଶ୍ୱବିଦ୍ୟାଳୟର ଡ଼.ପି. ବେଲ ଏବଂ ଏସ ଭେ ଦେଦୋଙ୍କ ଠାରୁ ପ୍ରକାଶ ଯେ, ସୁସ୍ଥ ଗଛମାନଙ୍କ ତୁଳନାରେ ଦୂଷିତ ଅଞ୍ଚଳରେ ଥିବା ଗଛମାନଙ୍କରେ ଶାଖା ପ୍ରଶାଖା ହାରାହାରି ଶତକଡା ୧୫ରୁ ଶତକଡା ୮୦ ଭାଗ କମ ଥାଏ ଏବଂ ମଂଜିର ଓଜନ ହାରାହାରି ଶତକଡା ୨୩ରୁ ୬୬ଭାଗ କମ ଥାଏ । ବିଦ୍ୟୁତ ଜନିତ ଗନ୍ଧକୀକରଣ ହାରକୁ ସାଧାରଣତଃ ଗଛର ବୃଦ୍ଧିରେ ପ୍ରଧାନ ପ୍ରତିବନ୍ଧକ ରୂପେ ଗଣାଯାଏ, କିନ୍ତୁ ଗୋଟିଏ ଶିଳ୍ପାଂଚଳର ବାୟୁମଣ୍ଡଳରେ ମଧ୍ୟ ଅନ୍ୟାନ୍ୟ ଦୂଷିତକାରୀ ପଦାର୍ଥ ଅଛନ୍ତି ଯେଉଁମାନେ କି ଗଛ ବୃଦ୍ଧିରେ ଅନ୍ତରାୟ ସୃଷ୍ଟି କରନ୍ତି ।

ପ୍ରଜାପତି ଫାର୍ମ

ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ପରୀକ୍ଷାମୂଳକ ଭାବେ ଏକ ପ୍ରଜାପତି ଫାର୍ମ ପ୍ରତିଷ୍ଠା ପାଇଁ ଯୋଜନା ଚାଲିଛି ।

ପୃଥିବୀରେ ଥିବା ସର୍ବମୋଟ ୨୦, ୦୦୦ ଜାତୀୟ ପ୍ରଜାପତିଙ୍କ ମଧ୍ୟରୁ କେବଳ ଭାରତରେ ସର୍ବାଧିକ ପ୍ରାୟ ୧୪୦୦ ଜାତୀୟ ପ୍ରଜାପତି ଦେଖାଯାଆନ୍ତି । ପୃଥିବୀର ସବୁଠାରୁ ସୁନ୍ଦର ପ୍ରଜାପତି ନୀଳରଙ୍ଗର ଗାର ପଡ଼ିଥିବା 'କ୍ରିଷନ ପିକକ' ପ୍ରଜାପତି ଭାରତର ଉତ୍ତର ପୂର୍ବାଞ୍ଚଳରେ ମଧ୍ୟ ଦେଖାଯାଆନ୍ତି ।

ଭାରତରେ ଦେଖାଯାଉଥିବା "ଭୁଟାନ ଗୋରି" ଏବଂ "କାଇଜର-ଇ—ହିନ୍ଦ" ଜାତୀୟ ପ୍ରଜାପତି ବର୍ତ୍ତମାନ ବିଲୁପ୍ତ ପ୍ରାୟ । କେତେକ ଅସାମାଜିକ ପତଙ୍ଗ ଧରାଳୀ ଆମେରିକା ଓ ଇଉରୋପକୁ ଚୋର ଚାଲାଣ କରୁଛନ୍ତି । ସେମାନେ ଗୋଟିଏ ପ୍ରଜାପତିକୁ ପ୍ରାୟ ୨୦୦୦ ଟଙ୍କାରେ ବିକ୍ରୟ କରିଥାନ୍ତି ।

Digitized by srujanika@gmail.com

ପ୍ରସ୍ତାବିତ ପ୍ରଜାପତି ଫାର୍ମର ଦୁଇଟି ଲକ୍ଷ୍ୟ ଅଛି । ଗୋଟିଏ ହେଲା ପ୍ରକୃତିର ସୁନ୍ଦର ସୃଷ୍ଟିକୁ ସଂରକ୍ଷଣ କରିବା ଏବଂ ଦ୍ୱିତୀୟଟି ହେଲା ବଣ ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ପାଇଁ କର୍ମ ସଂସ୍ଥାନ କରିବା । ବମ୍ବେ 'ନାଚୁରାଲ ହିଷ୍ଟୋରି ସୋସାଇଟି'ର ପତଙ୍ଗ ବିଜ୍ଞାନୀ ଶ୍ରୀ ନରେଶ ଚତୁର୍ବେଦୀଙ୍କ ଠାରୁ ଏହା ପ୍ରକାଶ ।

ଶ୍ରୀ ଚତୁର୍ବେଦୀ ଭାରତ ସରକାରଙ୍କ ପରିବେଶ ବିଜ୍ଞାନ ଅଧୀନରେ ଥିବା ଏକ ବିଶେଷଜ୍ଞ ଦଳର ସଭ୍ୟ ଅଛନ୍ତି । ୧୯୭୫ ମସିହାର ବଣ୍ୟଜନ୍ତୁ ସଂରକ୍ଷଣ ଆଇନ ପ୍ରଜାପତିମାନଙ୍କୁ ତା'ର ପରିସରଭୁକ୍ତ କରିଛି ଏବଂ ଏଥିରେ ବେଆଇନ ଭାବେ ପ୍ରଜାପତି ଧରିବା ଓ ଚୋରା ଚାଲାଣ କରିବା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବ୍ୟବସ୍ଥା ରଖାଯାଇଛି ।

ଚଢ଼େଇଙ୍କ କଥା

ସବୁ ଚଢ଼େଇଙ୍କ ମଧ୍ୟରେ କାଠହଣା ହେଉଛି ସବୁଠୁ ଭଲ ବଢ଼େଇ । କାଠହଣା 'ପିସିଡେ' ପକ୍ଷୀ ଗୋଷ୍ଠୀର ଅନ୍ତର୍ଭୁକ୍ତ । ଏହା ପୃଥିବୀର ସବୁ ଦେଶରେ ଦେଖାଗଲେ ମଧ୍ୟ ଦ: ଆମେରିକା ଓ ଦକ୍ଷିଣ-ପୂର୍ବ ଏସିଆରେ ଏମାନଙ୍କ ସଂଖ୍ୟା ଅଧିକ । ଭାରତର ସବୁ ଅଞ୍ଚଳର କାଠହଣା ଚଢ଼େଇ ଦେଖାଯାଆନ୍ତି । ଏହି ଜାତୀୟ ଅଧିକାଂଶ ଚଢ଼େଇ ସେମାନଙ୍କର ଥଣ୍ଟଦ୍ୱାରା କାଠଗଣ୍ଡିକୁ ହାଣି ଖୋଲକରିବାରେ ବିତେଇ ଦିଅନ୍ତି ।

ମାତ୍ର କାଠହଣା ଚଢ଼େଇ କାହିଁକି କୋମଳ ଘାସ ପତ୍ରକୁ ନ ହାଣି ଶକ୍ତ କାଠ ଗଣ୍ଡିକୁ ହାଣେ ?

କାରଣ ଏହା କାଠ ଗଣ୍ଡିର ବକଲ ତଳେ ଥିବା ପୋକ ଜୋକଙ୍କୁ ଖାଇବାକୁ ଭଲପାଏ ।

କାଠହଣା ଚଢ଼େଇର ଜିଭ ସ୍ୱତନ୍ତ୍ର ଧରଣର । ଏହା ଖୁବ୍ ଲମ୍ବା ଏବଂ ଅଗଟି ସୂଚିଆ । ତା'ର ଜିଭ ଉପରେ ଏକପ୍ରକାର ଅଠାଳିଆ ତରଳ ପଦାର୍ଥ ଥାଏ ଯାହାକି ପୋକଜୋକଙ୍କୁ ବକଲ ତଳୁ ଏବଂ ସନ୍ଧାଗାମାନଙ୍କରୁ ଟାଣି ଆଣିବାରେ ସାହାଯ୍ୟ କରିଥାଏ । ତା'ର ଥଣ୍ଟଟି ଲମ୍ବା ଓ ଧାରୁଆ । ସେ ଏହି ଥଣ୍ଟକୁ କାଠ ଗଣ୍ଡିରେ ବଡ଼ବଡ଼ ଗାତ କରିବାରେ ବ୍ୟବହାର କରିଥାଏ । କାଠହଣା ଚଢ଼େଇଦ୍ୱାରା ଗଛ ଗଣ୍ଡିରେ ଖୋଳା ଯାଇଥିବା ଗାତଟି କିଛିବାଟ ଭୂମି ସହିତ ସମାନ୍ତରାଳ ହୋଇଗଲା ପରେ ଧୀରେ ଧୀରେ ତାଲୁ ହୋଇଯାଇଥାଏ । ମାଈ କାଠହଣା ଚଢ଼େଇ ଥରକେ ଦୁଇଟିରୁ ତିନୋଟି ଅଣ୍ଡା ଦେଇଥାଏ । ଏହି ଅଣ୍ଡାଗୁଡ଼ିକ ଦେଖିବାକୁ ଧଳା ରଙ୍ଗର । ଅଣ୍ଡାଗୁଡ଼ିକ ବସାର ତଳ ଅଂଶରେ ଥାଏ । କାଠହଣା ଚଢ଼େଇର ବସା ଏତେ ନିରାପଦ ଓ ଆରାମଦାୟକ ଯେ, କାଠହଣା ଚଢ଼େଇ ଯେତେବେଳେ ଛାଡ଼ି ଚାଲିଯାଏ ଅଧିକାଂଶ ସମୟରେ ଅନ୍ୟ ଚଢ଼େଇମାନେ ସେହି ବସାକୁ ଦଖଲ କରିନିଅନ୍ତି । କାଠହଣା ଚଢ଼େଇ ପ୍ରତିବର୍ଷ ଗୋଟିଏ ଗୋଟିଏ ନୂଆବସା ତିଆରି କରେ ।

Digitized by srujanika@gmail.com

ଲବଣ ନଗର

ପୋଲାଣ୍ଡର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏପରି ଏକ ଅଞ୍ଚଳ ରହିଛି, ଯେଉଁଠାରେ ପ୍ରାୟ ଦୁଇଶହ ଏକରରେ ଲବଣ ଋଷକରଯାଏ । ଏ ପ୍ରକାର ଋଷୀମାନେ ମୁଖ୍ୟତଃ ଲୁଣ ବ୍ୟବସାୟ ଉପରେହିଁ ନିର୍ଭର କରିଥାନ୍ତି । ଏଠାକାର ଲୋକମାନଙ୍କର ଲୁଣ ଋଷ ବ୍ୟତୀତ ଆଉ କୌଣସି ଋଷ ନାହିଁ । ଏଠାରୁ ସମଗ୍ର ପୋଲାଣ୍ଡକୁ ଲୁଣ ଚଲାଣ ହୋଇଥାଏ । ଏଠାର ଲୋକମାନେ ଲୁଣକୁ ଜୀବିକା କରି ଚଳୁଥିବାରୁ ଏହାକୁ ଲବଣ ନଗର କୁହାଯାଇଥାଏ ।

ଏକ କିଲୋଗ୍ରାମର ଝିଟିପିଟି

ବ୍ରାଜିଲର "ପିରକୋମା" ନାମକ ସ୍ଥାନରେ ଏପରି ଏକ ଝିଟିପିଟି ଦେଖିବାକୁ ମିଳନ୍ତି ଯାହାର ଓଜନ ପ୍ରାୟ ଏକ କିଲୋଗ୍ରାମରୁ ଅଧିକ । ଏମାନେ ବଡ ବଡ ବୁଦୁବୁଦୁ-କିଆ ଜଙ୍ଗଲମାନଙ୍କରେ ହିଁ ରହିଥାନ୍ତି । ଏମାନେ ଘରମାନଙ୍କରେ ରହିନଥାନ୍ତି । ଏହି ଝିଟିପିଟି ଏକାଥରେ ଗୋଟାଏ ସାପକୁ ମଧ୍ୟ ଗିଳିଦେଇ ପାରେ । ଗ୍ରହିଟା ବେଙ୍ଗକୁ ମଧ୍ୟ ଏକା ସଙ୍ଗରେ ଖାଇଦେଇ ପାରେ । ଏମାନେ ଦରକାର ପଡ଼ିଲେ ମଣିଷମାନଙ୍କୁ ମଧ୍ୟ ଆକ୍ରମଣ କରିଥାନ୍ତି । ନିଜର ଛୋଟ ଛୋଟ ନଖ ସାହାଯ୍ୟରେ ଏମାନେ ପିଲାମାନଙ୍କୁ ଆକ୍ରମଣ କରି ମାରି ପକାଇବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ତେବେ ଏମାନେ ବିଶେଷଭାବରେ ଜଙ୍ଗଲମାନଙ୍କରେ ରହୁଥିବାରୁ ମଣିଷର କୌଣସି କ୍ଷତି କରିନଥାନ୍ତି । ତେବେ ଯେଉଁ ମଣିଷମାନେ ସେମାନଙ୍କୁ ଶିକାର କରିଥାନ୍ତି, ସେମାନେ ତାଙ୍କୁ ଆକ୍ରମଣ କରିଥାନ୍ତି । ଏକାବେଳେ ଏହିପରି ଦୁଇଟି ଝିଟିପିଟି ଗୋଟିଏ ମଣିଷକୁ ମାରିଦେଇ ଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ।

ଦୀର୍ଘତମ ସଙ୍ଗୀତ

ଆମେରିକାର ନଟସମ୍ରି ଯୋଭେଗା ନାମକ ଜଣେ କ୍ରମାନ୍ୱୟରେ ପ୍ରାୟ ସାତ ଦିନକାଳ ସଙ୍ଗୀତ କାର୍ଯ୍ୟ ପରିବେଷଣ କରି ଏକ ରେକର୍ଡ ସୃଷ୍ଟି କରିଛନ୍ତି ।

ଚଳନ୍ତି ଘଟଣାବଳୀ

ଜାତିସଂଘ ଏବଂ ଆନ୍ତର୍ଜାତୀୟ ଶାନ୍ତି ଚୁକ୍ତିନେଇ ରୁଷିଆର ଆମେରିକା ପ୍ରତି ସନ୍ଦେହ

ସୋଭିଏତର ସଂବାଦପତ୍ର "ଇଜଭେସ୍ତିଆ"ର ୯ ନଭେମ୍ବର ୧୯୮୪ ସଂଖ୍ୟାରେ କୁହାଯାଇଛି ଯେ, ଯଦି ଶାନ୍ତି ଚୁକ୍ତି ପାଇଁ ଆମେରିକା ଆଗ୍ରହ ପ୍ରକାଶ କରେ ତେବେ ରୁଷିଆ ତାକୁ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇବ ଏଥିରେ ସନ୍ଦେହ ନାହିଁ ମାତ୍ର ରୁଷିଆର ସନ୍ଦେହ ଯେ, ଆମେରିକା ଶାନ୍ତିଚୁକ୍ତି ଆଲୋଚନା କେବଳ ଲୋକଦେଖାଣିଆ ପାଇଁ ନା ପ୍ରକୃତରେ ।

Digitized by srujanika@gmail.com

ଶାନ୍ତି ଚୁକ୍ତି ପାଇଁ ଆମେରିକା ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ରଷ୍ଟ୍ରଦୂତ ଦ୍ୱାରା କଥାବାର୍ତ୍ତାରେ ସେପରି କିଛି ବିଶେଷ ପ୍ରଭାବ ପଡ଼ିବ ନାହିଁ ବୋଲି ରୁଷିଆ ମନେକରେ । ରୁଷିଆର ସଂବାଦ ଏଜେନସି 'ଟାସ୍'ର ଏକ ସଂବାଦରେ କୁହାଯାଇଛି ଯେ; ରିଗାନଙ୍କ ପୁନଃ ନିର୍ବାଚିତକୁ ରୁଷିଆ ସମର୍ଥନ କରିବା ସଙ୍ଗେ ସଙ୍ଗେ ଆଶା ପ୍ରକାଶ କରେ ଯେ, ଆମେରିକାର ଲୋକମାନେ ରିଗାନଙ୍କୁ ସମର୍ଥନ କରି ଅସ୍ତ୍ରଶସ୍ତ୍ର ସଂପର୍କୀୟ ଆଲୋଚନାକୁ ଅଧିକ ତ୍ୱରାନ୍ୱିତ କରିବାପାଇଁ ସମର୍ଥନ କରିଛନ୍ତି ।

ସୋଭିଏତ ପକ୍ଷରୁ ଏ ସଂପର୍କୀୟ କୌଣସି ନୀତିଗତ ନିଷ୍ପତ୍ତି ହୋଇନାହିଁ ବୋଲି ଜନୈକ ସୋଭିଏତ ସରକାରୀ ମୁଖପାତ୍ରଙ୍କଠାରୁ ପ୍ରକାଶ ।

ମହାକାଶ ବିଜ୍ଞାନ କ୍ଷେତ୍ରରେ ଆମେରିକା ଅପେକ୍ଷା ରୁଷିଆ ଅଧିକ ଶକ୍ତିଶାଳୀ

ସୋଭିଏତ ରୁଷିଆର ମହାକାଶ ବିଜ୍ଞାନ କୌଶଳ ଏବଂ କାରିଗରୀ ଜ୍ଞାନ ଯୁକ୍ତରାଷ୍ଟ୍ର ଆମେରିକା ଠାରୁ ବହୁ ଉଚ୍ଚରେ ଏବଂ ୧୯୯୮ ମସିହା ସୁଦ୍ଧା ଆହୁରି ଅଧିକ ଶକ୍ତିଶାଳୀ ଏବଂ ଅଗ୍ରଣୀ ହୋଇ ପାରିବ ବୋଲି ରୁଷର ମହାକାଶ ବିଜ୍ଞାନ ସମ୍ବନ୍ଧୀୟ ଏକ ପତ୍ରିକାର ସଂପାଦକୀୟରେ ପ୍ରକାଶ କରିଅଛନ୍ତି ଜେମି । ଏହି ପତ୍ରିକାର ମୁଖପତ୍ରରେ ଲେଖାଯାଇଅଛି ଯେ, ଯୁକ୍ତରାଷ୍ଟ୍ର ଆମେରିକା ମହାକାଶ ବିଜ୍ଞାନ କ୍ଷେତ୍ରରେ ସୋଭିଏତ ରୁଷିଆ ଠାରୁ ବହୁ ଆଗରେ ରହିଥିଲା ।

ସୋଭିଏତ ରୁଷ ପକ୍ଷରୁ ମହାକାଶ ବିଜ୍ଞାନ ସଂପର୍କୀୟ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବାପରେ ଏବେ ଏହା ଯୁକ୍ତରାଷ୍ଟ୍ର ଆମେରିକାଠାରୁ ବହୁ ଉଚ୍ଚରେ ।

ସେ ଏବେ ପ୍ରକାଶ କରିଛନ୍ତି ଯେ, ମହାକାଶକୁ ମିଲିଟାରୀ କାର୍ଯ୍ୟରେ କିଭଳି ଭାବରେ ବ୍ୟବହାର କରାଯାଇ ପାରିବ, ସେ ନେଇ ଏକ ଗବେଷଣା ଚାଲିଛି । ସେ ଆମେରିକା ମହାକାଶ ବିଜ୍ଞାନ ବିଭାଗକୁ ସତର୍କ କରାଇ ଦେଇ କହିଅଛନ୍ତି, ମହାକାଶ ବିଜ୍ଞାନ ସଂବନ୍ଧୀୟ କାର୍ଯ୍ୟରେ ପ୍ରତିଯୋଗିତା ବା ଶତ୍ରୁ ଭାବାପନ୍ନ ମନୋଭାବ ରଖି କାର୍ଯ୍ୟ କରିବା ଆବଶ୍ୟକ ନୁହେଁ, ବରଂ କିଭଳି ଭାବରେ ଆସନ୍ତା ୨୫ ବର୍ଷ ମଧ୍ୟରେ ମହାକାଶକୁ ମଣିଷର ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର କରାଯାଇ ପାରିବ ସେ ନେଇ କାର୍ଯ୍ୟ କରିବା ଉଚିତ ।

Digitized by srujanika@gmail.com

R. N. I. Regd. No. 4377 61 Regd. No. 0,78
CHHATRASATHI 23rd Yr. (Monthly) 2nd Month 1985

NEWS OF THE WORLD

(The English Daily of Orissa)

KALIGALI • CUTTACK-2 • ORISSA

ଆପଣ ଜାଣନ୍ତି ଓଡ଼ିଶାରେ ଗୋଟିଏ ହେଲେ ଦୈନିକ ପତ୍ରିକା ଇଂରାଜୀ ଭାଷାରେ ପ୍ରକାଶ ପାଉନଥିଲା । ତେଣୁ ଆମ ରାଜ୍ୟର ଦୁଃଖ ଦୁର୍ଦ୍ଦଶା ଖବର ଅନ୍ତର ଯାଇ ଅଣଓଡ଼ିଆ ରାଜ୍ୟରେ ଓ କେନ୍ଦ୍ରରେ ପହଞ୍ଚି ପାରୁନଥିଲା ।

ଆମର ପଡ଼ୋଶୀ ରାଜ୍ୟର କେତେକ ଇଂରାଜୀ ପତ୍ରିକା ଓଡ଼ିଶା ସଂସ୍କରଣ (Orissa Edition) ପ୍ରକାଶ କରିଥାଆନ୍ତି । ସେଥିରେ ଓଡ଼ିଶା ଖବର ଭଲଭାବେ ଛପାଇ ଥାଆନ୍ତି ; ମାତ୍ର ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ—ଯେହେତୁ ତାହା Orissa Edition ହୋଇଥିବା ହେତୁ ସେଥିରେ ଓଡ଼ିଶା ବିଷୟରେ ଛପାଥିବା ସମସ୍ତ ଖବର କେବଳ ଓଡ଼ିଶାବାସୀଙ୍କ ପାଖକୁ ଆସେ ଏବଂ ଏପରିକି ସେଥି ଖବର ଆମର କୌଣସି ପଡ଼ୋଶୀ ରାଜ୍ୟକୁ ବା ଦିଲ୍ଲୀକୁ ଯାଏନା ।

ଏଣେ ଆଉ ଆମର ଖବରଗୁଡ଼ିକୁ Orissa Editionର ପୃଷ୍ଠାରେ ଦେଖି ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ଓଡ଼ିଶା ବାହାରର ଲୋକେ ଆମ ବିଷୟରେ କିଛି ଜାଣିବାକୁ ପାଆନ୍ତି ନାହିଁ ।

ବର୍ତ୍ତମାନ ଆମ ଓଡ଼ିଶା ଖବର ଯାଇ ସାରା ଦେଶରେ କିପରି ପହଞ୍ଚି ପାରିବ ତାର ବ୍ୟବସ୍ଥା ହୋଇଛି । The News of the World ନାମରେ ଗୋଟିଏ ଦୈନିକ ଇଂରାଜୀ ପତ୍ରିକା ପ୍ରକାଶ କରାଯାଉଛି ।

ଏହି ପତ୍ରିକାଟି କୌଣସି ରାଜନୈତିକ ପତ୍ରିକା ନୁହେଁ । ନିରପେକ୍ଷ ପତ୍ରିକା ।

ଆଶା, ଆପଣ ଆମକୁ ଏହି ପତ୍ରିକା ପ୍ରକାଶନ ନିମନ୍ତେ ଯଥାସମ୍ଭବ ସାହାଯ୍ୟ କରିବା ସହିତ ଆମକୁ ଉତ୍ସାହିତ କରିବେ ।

Printed & Published by Sri B. Das, on behalf of M/s. J. Mohapatra & Co., at the Grampanchayat Press Kaligali, Cuttack-2 PriceRs. 2 · 0

Digitized by srujanika@gmail.com